# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

ଧରାକୋଟ, ୧୮ ।୮ (ସମିସ)





ଧରାକୋଟ ବ୍ଲକର ପ୍ରଥମ ଜନ ଶୁଣାଣି କାର୍ଯ୍ୟକ୍ରମ ଢଉଗାଁ ପଞ୍ଚାୟତରୁ ଆରମ୍ଭ ହୋଇଛି । ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଦେବଦତ୍ତ ପଣ୍ଡା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଭାରପ୍ରାପ୍ତ ବିଡିଓ ସୁଶୀଲ ପଟ୍ଟନାୟକ, ଧରାକୋଟ ମେଡିକାଲ ଅଫିସର ଡାକ୍ତର ଏମ୍‌ଭିକେ ଅଶୋକ, ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, ଢଉଗାଁ ସରପଞ୍ଚ ମନୁ ପାତ୍ର, ସମବାୟସମିତି ସଭାପତି ସଞ୍ଜୟପାତ୍ର, ନିର୍ବାହୀ ଅଧିକାରୀ କାଳୁ ଚରଣ ସ୍ୱାଇଁ, ଡିଇଓ ସଞ୍ଜୟ ପଲେଇ, ଆରଡବ୍ଲୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ଏପିଓ ନନ୍ଦିନୀ ଦାସ, ସିଡିପିଓ ସୁନିଲ ପ୍ରଭା ରଥ, ସହକାରୀ ଯନ୍ତ୍ରୀ ଦୀପ୍ତି ରେଖା ନାଥ କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା, ବିଏସଏସଓ ସଚିନ ପାତ୍ର, ଯୋଗାଣ ଅଧିକାରୀ ସଞ୍ଜୟ ମଲିକ, ଓଏଲଏମ ପ୍ରତାପ ସ୍ୱାଇଁ, ବିଭିଓ କିରଣ ବିଶୋଇ, କୃଷି ଅଧିକାରୀ ବିଶ୍ୱନାଥ ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରାକେଶ ମାଝୀ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଚିରଞ୍ଜିବୀ ସାହୁ, ଏବିଇଓ ବିଭୂତି ଭୂଷଣ ପାତ୍ରଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ । ଆଜିର ଜନ ଶୁଣାଣିରେ ୨୬୦ ଜଣ ବ୍ୟକ୍ତି ଅଭିଯୋଗ ଦାଖଲ କରିଥିଲେ ।

**କୋଦଳା:** ବେଗୁନିଆପଡ଼ା ବ୍ଲକ ଅଙ୍ଗାରଗାଁ ପଞ୍ଚାୟତ ପରିସରରେ ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋଦଳା ତହସିଲଦାର ତଥା ବେଗୁନିଆପଡ଼ା ଭାରପ୍ରାପ୍ତ ବିଡିଓ ସସ୍ମିତା ଶତପଥି, ବେଗୁନିଆପଡ଼ା ଥାନା ଅଧିକାରୀ ଭଗବାନ ପୂଜାରୀ, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରୁଦ୍ର ନାରାୟଣ ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ସେଠୀ, ସିଆର୍‌ସିସି କାର୍ତ୍ତିକ ଡାକୁଆ, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ମମତା ପଣ୍ଡା, ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ ଶଙ୍କର ରାଓ ପାତ୍ର, ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୁର୍ଗା ପ୍ରସାଦ ପଣ୍ଡା, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ନବୀନ କୁମାର ମାଝୀ, କୃଷି ବିଭାଗ ଅଧିକାରୀ, ଉଦ୍ୟାନ ବିଭାଗ ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀ, ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ, କ୍ଷୁଦ୍ର ଜଳସେଚନ ବିଭାଗ ଅଧିକାରୀ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ବିଦ୍ୟୁତ୍ ବିଭାଗ ଅଧିକାରୀ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିବା ସହ ଅଭିଯୋଗ ଶୁଣାଣି କରିଥିଲେ । ଏଥିରେ ଅଙ୍ଗାରଗାଁ ସରପଞ୍ଚ ନୀଳେନ୍ଦ୍ରି ସେଠୀ, ପିଇଓ ବନା ଶବର, ଏଡିଓ ପ୍ରିୟଦର୍ଶିନୀ ମହାପାତ୍ର, କୃଷ୍ଣଚନ୍ଦ୍ର ଡାକୁଆ, ବିଏଫ୍‌ଟି ରବୀନ୍ଦ୍ର କୁମାର ସାହୁ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଏଥିରେ ସମୁଦାୟ ୧୬୬ଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥିମଧ୍ୟରୁ ରାସନକାର୍ଡ, ଭତ୍ତା ପ୍ରଦାନ, ଆବାସ ଘର ପ୍ରଦାନ, ପଞ୍ଚାୟତର ବିଭିନ୍ନ ରାସ୍ତା ଘାଟ ନିର୍ମାଣ, ସ୍ଥାନୀୟ ଦଣ୍ଡପାଣି ଉଚ୍ଚ ବିଦ୍ୟାଳୟର ଶୋଚନୀୟଅବସ୍ଥା ସାଙ୍ଗକୁ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି ନେଇ ସ୍ଥାନୀୟ ଜନସାଧାରଣ ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ପଞ୍ଚାୟତର ଅନ୍ୟାନ୍ୟ ବିଦ୍ୟାଳୟ ମରାମତି ଓ ବାରମ୍ବାର ବିଦ୍ୟୁତକାଟ୍ ନେଇ ଅଭିଯୋଗ ହୋଇଥିଲା ।

## ଦୁର୍ଘଟଣାରେ ଝିଅ ମୃତ; ଅଳ୍ପକେ ବର୍ତ୍ତିଲେ ବାପା, ଦୁଇ ଭାଇ

ଛତ୍ରପୁର, ୧୮ ।୮ (ସମିସ): ସ୍ଥାନୀୟ ଡିଆର୍‌ଡିଏ ଛକ ନିକଟ ଜାତୀୟ ରାଜପଥରେ ଟ୍ରକ ଦୁର୍ଘଟଣାରେ ଜଣେ ନାବାଳିକାର ମୃତ୍ୟୁ ହୋଇଥିବା ବେଳେ ବାପା ଓ ଦୁଇ ଭାଇ ଅଳ୍ପକେ ବର୍ତ୍ତିଛନ୍ତି । ମୃତକ ଜଣକ ହେଲେ କାଳିଆବାଲିର ଅବସରପ୍ରାପ୍ତ ସେନା କର୍ମଚାରୀ ଏସ୍.ଦେବରାଜ ରେଡ୍ଡିଙ୍କ ଝିଅ ଏସ୍.ଶୃତି ରେଡ୍ଡୀ(୧୫) । ସୂଚନା ମୁତାବକ ଦେବରାକ ନିଜ ସ୍କୁଟି ଯୋଗେ ଦୁଇ ପୁଅ ଓ ଝିଅକୁ ବସାଇ କାଳିଆବାଲିରୁ ଛତ୍ରପୁର ଟିଉସନ ଛାଡ଼ିବାକୁ ଯାଉଥିଲେ । ସ୍ଥାନୀୟ ଡିଆରଡିଏ ଛକରୁ ଛତ୍ରପୁର ଅଭିମୁଖେ ବୁଲିବା ସମୟରେ ଏକ ଗାଡ଼ି ତାଙ୍କୁ ଅତିକ୍ରମ କରିଥିବାରୁ ସ୍କୁଟି ଚାଳକ ଭାରସ୍ୟାମ ହରାଇ ରାଜପଥରେ ପଡ଼ିଯାଇଥିଲେ । ସେହିସମୟରେ ପଛପଟୁ ଆସୁଥିବା ଏକ ଟ୍ରକ୍ ଓଡି୦୨ ସିଏମ୩୧୬୫ ଧକ୍କା ଦେଇଥିଲା । ସମସ୍ତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ଶୃତିଙ୍କୁ ମୃତ ଘୋଷଣା କରିଥିଲେ । ଦୁଇ ଭାଇ ଏସ୍.ବିକାଶ ଓ ଏସ.ଲୋକେଶ ଏବଂ ବାପା ଏସ.ଦେବାରାଜ ବର୍ତ୍ତି ଯାଇଥିଲେ । ଶୃତି କେନ୍ଦ୍ରୀୟ ବିଦ୍ୟାଳୟରେ ପଢୁଥିଲେ । ଖବର ପାଇ ଛତ୍ରପୁର ମେଡିକାଲରେ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଏବଂ ଛତ୍ରପୁର ଏସ୍‌ଡିପିଓ ଓ ଅନ୍ୟ ଅଧିକାରୀମାନେ ପହଞ୍ଚିଥିଲେ । ପୁଲିସ ଟ୍ରକ୍‌କୁ ଜବତ କରିବା ସହ ଚାଳକକୁ ଅଟକ ରଖିଛି । ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇ ପଠାଯାଇଛି ।

## ୧୧ କେଭି ବିଦ୍ୟୁତ ତାର ଛିଣ୍ଡିଲା, ବର୍ତ୍ତିଗଲେ ଯୁବକ

ଗଞ୍ଜାମ, ୧୮ ।୮ (ସମିସ): ଗଞ୍ଜାମ ସହରସ୍ଥିତ ଷୋହଳ ନମ୍ବର ଜାତୀୟ ରାଜପଥ ଶନି ମନ୍ଦିର ନିକଟରେ ୧୧କେଭି ବିଦ୍ୟୁତ ତାର ହଠାତ ଛିଣ୍ଡି ପଡ଼ିଥିଲା । ସେହି ରାସ୍ତାରେ ବାଇକରେ ଯାଉଥିବା ଜଣେ ଯୁବକଙ୍କ ଉପରେ ତାର ପଡ଼ି ଯାଇଥିଲା । ଫଳରେ ଯୁବକ ଜଣକ ଗାଡ଼ିରୁ ଛିଟିକି ପଡ଼ିଥିଲେ । ସେଠାରେ ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଅଞ୍ଚଳର ପପି ମହାଙ୍ଗୁଡ଼ ଓ କାଳିଆ ତାଙ୍କୁ ସଙ୍ଗେ ସଙ୍ଗେ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଆହତ ଯୁବକ ହେଲେ ପୁରୀ ଜିଲ୍ଲା କୃଷ୍ଣ ପ୍ରସାଦ ଗଡ଼ ଥାନା ଅନ୍ତର୍ଗତ ବଜ୍ରକୋଟ ମୁନା ସାଗର ନାୟକ (୨୪) ବୋଲି ଜଣାପଡ଼ିଛି । ମୁନା ତାଙ୍କ ଓଡ଼ି ୦୭ଏବି ୪୨୫୫ ନମ୍ବର ବିଶିଷ୍ଟ ବାଇକ୍‌ରେ ବ୍ରହ୍ମପୁର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଗଞ୍ଜାମ ବିଦ୍ୟୁତ ସେକ୍ସନ କର୍ମଚାରୀ ବିଦ୍ୟୁତ ସରବରାହ ବନ୍ଦ କରି ଯୁଦ୍ଧକାଳୀନ ଭିତ୍ତିରେ ଛିଣ୍ଡି ଥିବା ତାର ସଜାଡ଼ିଥିଲେ । ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ, ଗଞ୍ଜାମ ଥାନା ଏଏସଆଇ ସୁପ୍ରଭା ସାହୁ ଉପସ୍ଥିତ ରହି ସମସ୍ୟା ସୁଧାରିବାକୁ ପ୍ରୟାସ କରିଥିଲେ ।

## ଲଘୁଚାପ ପାଇଁ ସମୁଦ୍ର ଅଶାନ୍ତ

● ମତ୍ସ୍ୟଜୀବୀଙ୍କୁ ସତର୍କ କରାଇଲା ପାଣିପାଗ ବିଭାଗ



ଛତ୍ରପୁର, ୧୮ ।୮ (ସମିସ): ପଶ୍ଚିମ କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ । ଏନେଇ ପାଣିପାଗ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ସତର୍କ କରାଯାଇଛି । ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ପାଣିପାଗ ଜାରି ରହିବ ବର୍ଷା । କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ । ପବନର ବେଗ ମଧ୍ୟ ଅଧିକ ରହିବ । ଏଥିପାଇଁ ମତ୍ସ୍ୟଜୀବୀଙ୍କୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଯିବାକୁ ବାରଣ କରାଯାଇଛି । ଏହା ସହ ଯେଉଁ ମାନେ ସମୁଦ୍ର ମଧ୍ୟକୁ ଯାଇଛନ୍ତି ସେମାନେ ତୁରନ୍ତ ଫେରି ଆସିବା ପାଇଁ ମଧ୍ୟ ସାଗର ମିତ୍ର ମାନେ ସଚେତନତା କରିଛନ୍ତି । ସମୁଦ୍ରକୁ ଯିବା ପାଇଁ ବାରଣ ରହିଥିବାରୁ ବିଶେଷ ପ୍ରଭାବ ପଡ଼ିଛି ମତ୍ସ୍ୟଜୀବୀ ମାନଙ୍କ ଜୀବିକା ଉପରେ । ସେମାନେ ସମୁଦ୍ରକୁ ଭିତରକୁ ଯାଇପାରୁନାହାନ୍ତି ମାଛ ମାରିବା ପାଇଁ । ଗଞ୍ଜାମ ଜିଲ୍ଲା ରେ ସୋନପୁର ଠାରୁ ପ୍ରୟାଗି ପର୍ଯ୍ୟନ୍ତ ୨୭ ଖଣ୍ଡ ମତ୍ସ୍ୟଜୀବୀ ଗାଁ ରହିଛି । ସାନଆର୍ଯ୍ୟପଲ୍ଲୀ, ବଡଆର୍ଯ୍ୟପଲ୍ଲୀ, କଣ୍ଡରା ଆର୍ଯ୍ୟପଲ୍ଲୀ, ବନ୍ଦର, ନୋଳିଆ ନୂଆଗାଁ, ପୋଡମପେଟା, ପ୍ରୟାଗି, କଣ୍ଟିଆଗଡ଼ ଆଦି ଅଞ୍ଚଳର ମତ୍ସ୍ୟଜୀବୀ ମାନେ ସମୁଦ୍ର ଅଶାନ୍ତ ହେବାଯୋଗୁଁ ସମୁଦ୍ରକୁ ମାଛ ମାରିବା ପାଇଁ ମତ୍ସଜୀବୀମାନଙ୍କୁ ବାରଣ କରାଯାଇଛି । ଏ ନେଇ ଆର୍ଯ୍ୟପଲ୍ଲୀ ସମୁଦ୍ର କୂଳରେ ସାଗର ମିତ୍ର ମାନେ ମତ୍ସଜୀବୀଙ୍କୁ ସଚେତନ କରିଛନ୍ତି । ଅନ୍ୟପଟେ ଏହାର ପ୍ରଭାବ ସିଧାସଳଖ ମତ୍ସଜିବି ମାନଙ୍କ ଉପରେ ପଡୁଛି, ମାଛ ଧରି ଆଣିଲେ ଏହାକୁ ବିକ୍ରି କରିଲେ ସେମାନଙ୍କ ପରିବାର ଚଳେ । ତେଣୁ ସରକାର ସେମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ସେମାନେ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



ପାତ୍ରପୁର, ୧୮ ।୮ (ସମିସ): ସୋମବାର ପାତ୍ରପୁର ବ୍ଲକ ପରିସରରେ ଅଭିଯୋଗ ଶୁଣାଣି ଶିବିରରେ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତିଭାଷନ ଯୋଗ ଦେଇ ସାଧାରନ ଲୋକଙ୍କ ଅଭିଯୋଗ ଶୁଣିଥିବା ବେଳେ ଶିବିର ଶେଷ ହେବା ପରେ ଜିଲ୍ଲାପାଳ ସୁବର୍ଣ୍ଣପୁର ବିଦ୍ୟାଳୟରେ ପହଞ୍ଚି ପିଲାଙ୍କୁ ପାଠ ପଢ଼ାଇଥିଲେ । ଏହାପରେ ଶ୍ରେଣୀ ଗୃହର ଆଲୋକ ବ୍ୟବସ୍ଥା ସଜାଡିବା ପାଇଁ ପରାମର୍ଶ ଦେଇଥିଲେ ।

ସେହିଭଳି ଜରଡାରେ ପାର୍ଥସାରଥି ମନ୍ଦିରର ଉନ୍ନତି ନିମନ୍ତେ ମନ୍ଦିର ଉନ୍ନୟନ କମିଟି ସହ ଆଲୋଚନା କରିଥିଲେ । ଜରଡା ଠାରେ କାର୍ଯ୍ୟରତ ବିଭିନ୍ନ ଉନ୍ନୟନ ପ୍ରକଳ୍ପର କାମ ସମୀକ୍ଷା କରି ଫେରିଥିଲେ । ସେହିଭଳି ଜରଡା ସାପ୍ତାହିକ ହାଟର ସ୍ଥିତି ପରଖି ଥିଲେ ।

## 'ଅପରେସନ ଗରୁଡ଼'ରେ ୩୯୮ ଗିରଫ

ଛତ୍ରପୁର, ୧୮ ।୮ (ସମିସ): ଗତ ୧୬ ଦିନ ଧରି ଚାଲିଥିବା ସ୍ୱତନ୍ତ୍ର ଡ୍ରାଭଭ୍ 'ଅପରେସନ ଗରୁଡ଼'ରେ ଗଞ୍ଜାମ ପୁଲିସ ଜିଲ୍ଲାକୁ ବେଶ ସଫଳତା ମିଳିଛି । ଅଗଷ୍ଟ ୧ରୁ ୧୬ ତାରିଖ ଧରି ଚାଲିଥିବା ଏହି ସ୍ୱତନ୍ତ୍ର ଡ୍ରାଇଭ୍‌ରେ ୫୮୧ ଜଣ ଜାମିନ୍ ବିହୀନ ୱାରେଣ୍ଟ ଥିବା ଅପରାଧୀମାନଙ୍କ ମଧ୍ୟରୁ ୩୯୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ବାକି ୧୮୩ ଜଣ ଅପରାଧୀଙ୍କ ମଧ୍ୟରୁ କେତେକଙ୍କ ମୃତ୍ୟୁ ହୋଇଥିବାବେଳେ ଆଉ କେତକ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି । ଅନ୍ୟ କେତେକଙ୍କ ମାମଲା ବିଭିନ୍ନ କ୍ଷେତ୍ରରେ ଫଇସଲା ହୋଇଥିଲା । ସେହିପରି ୧୬୧ଟି ଅବକାରୀ ମାମଲା ରୁଜୁ ହୋଇଥିବା ବେଳେ ୪୫୪୦. ୬୬ ଲିଟର ଦେଶୀ ଓ ବିଦେଶୀ ମଦ ଜବତ ହୋଇଛି । ଏବାବଦରେ ୫୦ ଜଣଙ୍କୁ ଗିରଫ କରାଯାଇଛି । ବେଆଇନ ବନ୍ଧୁକ ରଖିଥିବା ନେଇ ୭ଟି ମାମଲାରେ ୧୩ଟି ପିସ୍ତଲ୍, ଗୋଟିଏ ୬ ରାଉଣ୍ଡ ରିଭରବର, ୬୩ ଟି ଗୁଳି, ୧୫ଟି ଖାଲି ଥିବା ମାଗାଜିନ, ଗୋଟିଏ ଛୁରି ଗୋଟିଏ କାର ଏବଂ ୩ଟି ମୋବାଇଲ ଜବତ କରାଯିବା ସହିତ ୧୮ ଜଣଙ୍କୁ ଗିରଫ କରାଯାଇଛି । ସେହିପରି ୬ଟି ଜୁଆ ଆଡ୍ଡା ଉପରେ ଚଢ଼ଉ କରି ୨୬ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଥିବା ବେଳେ ୩ଟି ବାଇକ୍ ଓ ମୋବାଇଲ ସହ ୯୪ ହଜାର ୭୧୦ ଟଙ୍କା ଜବତ ହୋଇଥିଲା । ବେଆଇନ ଗଞ୍ଜେଇ ଚାଲଣ ଉପରେ ଚଢ଼ଉ କରି ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୬୩ କେଜି ୬୪୦ ଗ୍ରାମ ଗଞ୍ଜେଇ ଏବଂ ୨ଟି କାର ଜବତ ହୋଇଛି । ପ୍ରତିରୋଧକ ପ୍ରକ୍ରିୟା ନେଇ ୧୨୬ ବିଏନ୍‌ଏସ୍‌ଏସ୍ ୧୬୪ ମାମଲାରେ ୫୨୫ ଜଣଙ୍କୁ ନୋଟିସ ଏବଂ ୧୨୯ ବିଏନ୍‌ଏସଏସ୍‌ରେ ୧୨ଟି ମାମଲାରେ ୧୨ଜଣଙ୍କୁ ନୋଟିସ୍ ପ୍ରଦାନ କରାଯାଇଛି ବୋଲି ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି । ଏହା ସହ ଜିଲ୍ଲାରେ ନିଖୋଜ ଥିବା ନାବାଳକ/ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ସୋମବାର ଠାରୁ ଏକ ମିଶନ ଆରମ୍ଭ ହୋଇଛି । ଏହା ମଧ୍ୟ ଚାଲୁ ରହିବ ବୋଲି ଗଞ୍ଜାମ ଏସପି ଶ୍ରୀ ପାତ୍ର କହିଛନ୍ତି ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ



ରମ୍ଭା/ଗଞ୍ଜାମ, ୧୮ ।୮ (ସମିସ): ଗଞ୍ଜାମ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ବାନାମ୍ବର ପଲେଇ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ବ୍ଲକ ବିଡିଓ ଅଚ୍ୟୁତାନନ୍ଦ ଜାନୀ, ମୁଖ୍ୟବକ୍ତା ଗଞ୍ଜାମ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଡ. ପ୍ରଭାତୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଗ୍ରାସିମ ଇଣ୍ଡଷ୍ଟ୍ରି ଲିମିଟେଡ (କେମିକାଲ ଡିଭିଜନ) ଗଞ୍ଜାମର ୟୁନିଟ୍ ହେଡ୍ ଅଜୟ ଗୁପ୍ତା, ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବେହେରା, ଡ. ଶ୍ରୀବତ୍ସ ଜେନା, ଗଣପତି ସାବତ ଫାଉଣ୍ଡେସନର ମୁଖ୍ୟ ଡ. ବିନୋଦ ଚନ୍ଦ୍ର ସାବତ, ବ୍ରହ୍ମପୁର ନୀଳକଣ୍ଠ ନଗର ଡିଗ୍ରୀ ବିଦ୍ୟା ମନ୍ଦିରର ଅଧକ୍ଷ ଡ. ସୁବ୍ରତ ପାଣିଗ୍ରାହୀ, ଗ୍ରାସୀମ ଇଣ୍ଡଷ୍ଟ୍ରି ଲିମିଟେଡ୍‌ର ସିଏସ୍‌ଆର୍ ହେଡ୍ ସୁସ୍ମିତା ଶୁଭଦର୍ଶିନୀ ବେହେରା, ଗଞ୍ଜାମ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଡ. ଇନ୍ଦୁ ଭୂଷଣ ପଟ୍ଟନାୟକ, ରାଜ୍ୟ କର୍ମକର୍ତ୍ତା ଶ୍ୟାମସୁନ୍ଦର ଖାଡେଙ୍ଗା, ଛତ୍ରପୁର ବ୍ଲକ ସଭାପତି ସୁରେନ୍ଦ୍ର ପାଢ଼ୀ, ସମ୍ପାଦକ ସୋମନାଥ ସାହୁ, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ନିରୀକ୍ଷକ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସଂଘର ସମ୍ପାଦକ ବାଳକୃଷ୍ଣ ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ସଭାକୁ ସଂଘର ଅନ୍ୟତମ ସଦସ୍ୟ ବିଜୟ କୁମାର ବିଶ୍ୱାଳ ସଂଯୋଜନା କରିଥିବା ବେଳେ ଦଣ୍ଡପାଣି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଛୁରାମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ



ଶେରଗଡ଼, ୧୮ ।୮ (ସମିସ): ଗତ ୧୬ ତାରିଖ ରାତିରେ ସାମାନ୍ୟ କଥାକୁ ନେଇ ଶେରଗଡ଼ ଥାନା ଅନ୍ତର୍ଗତ ମିନି ଷ୍ଟାଡିୟମ ନିକଟରେ ଦୁଇ ପଡ଼ୋଶୀଙ୍କ ମଧ୍ୟରେ କଳହ ହୋଇଥିଲା । ଏଥିରେ ନୀଳାଞ୍ଚଳ ମିଶ୍ର (୬୦)ଙ୍କୁ ତାଙ୍କ ପଡୋଶୀ ରଞ୍ଜିତ କୁମାର ପଣ୍ଡା (୪୯) ଛୁରାମାଡ଼ କରିଥିଲେ । ଫଳରେ ନୀଳାଞ୍ଚଳଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାକୁ ନେଇ ନୀଳାଞ୍ଚଳଙ୍କ ଭାଇ ପତିତପାବନ ଶେରଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ୩୪୮/୨୫ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି । ଏଥି ସହ ହତ୍ୟାରେ ବ୍ୟବହୃତ ରକ୍ତ ଭିଜା ଛୁରି ଜବତ କରିଛି ।

## ଜିଲ୍ଲାସ୍ତରୀୟ ସ୍ୱଚ୍ଛତା ପଖୱାଡ଼ା

ଗଞ୍ଜାମ, ୧୮ ।୮ (ସମିସ): ସ୍ଥାନୀୟ ବ୍ୟାଘ୍ରଦେବୀ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲାସ୍ତରୀୟ ସ୍ୱଚ୍ଛତା ପାଖୱାଡା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ ବିଶ୍ୱାଳ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱଚ୍ଛତା ହିଁ ସମ୍ମାନର ପରିଚୟ ବୋଲି ପ୍ରକାଶ କରିଥିଲେ । ପ୍ରୋଗ୍ରାମ ଅଫିସର ଅଂଶୁମାନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୬୦ରୁ ଊର୍ଦ୍ଧ୍ୱ ଯୁବକ ଓ ଯୁବତୀ ଉପସ୍ଥିତ ରହି ମନ୍ଦିର ପରିସର ସଫେଇ କରିଥିଲେ । ଓଡ଼ିଶା ସମ୍ବାଦିକ ସଙ୍ଘ ରାଜ୍ୟ ମହିଳା ଆବାହିକା ତଥା ଅନୁଷ୍ଠାନର ବୋର୍ଡ ଅଫ ମେମ୍ବର ବିଜୟଲକ୍ଷ୍ମୀ ମହାଙ୍ଗୁଡ଼ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଉମାକାନ୍ତ ବେହେରା, ବାଦଲ କୁମାର ଜେନା, ଡି. ବିଷ୍ଣୁପ୍ରିୟା, ସୁବାସ ଚନ୍ଦ୍ର ସାହୁ, ସୀମାଞ୍ଚଳ ସାହୁ ପ୍ରମୁଖ ଉଭୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




## ଗଞ୍ଜାମ ବ୍ଲକ ଆତ୍ମା ବୈଷୟିକ ଦଳ ବୈଠକ

ଗଞ୍ଜାମ, ୧୮ ।୮ (ସମିସ): ଗଞ୍ଜାମ ସହରସ୍ଥିତ ସମିଳନୀ କକ୍ଷରେ ଆତ୍ମାର ଏକ ବ୍ଲକ ବୈଷୟିକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆତ୍ମାର ଅଧକ୍ଷ ରଘୁନାଥ ସାହୁଙ୍କ ସଭାପତତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକଙ୍କ ଗଞ୍ଜାମ ବ୍ଲକ ପ୍ରତିନିଧି ମାନସ ରଞ୍ଜନ ନାହାକ, ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ବିଏଓ ରଶ୍ମିତା ମହାପାତ୍ର, ଏବିଏଓ ପ୍ରତିଭା ଦେବୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

ବୈଠକରେ ମୁଖ୍ୟତଃ ଭାବେ ଯେଉଁ ନିଷ୍ପତି ନିର୍ଦ୍ଧାରଣ କରାଯାଇଛି ସେ ଗୁଡିକୁ ରେଜିଷ୍ଟରରେ ଓଡ଼ିଆରେ ଲେଖାଯାଉ ଯାହା ଦ୍ୱାରା ସମସ୍ତେ ଚାଷୀମାନେ ଜାଣି ପାରିବେ ବୋଲ ଅଧକ୍ଷ ଅଫିସରଙ୍କୁ ତାଗିଦ କରିଥିଲେ । ଅନ୍ୟପଟେ ଚାଷୀ ଅଭିଯୋଗ ଆଣିଥିଲେ ଯେ ମୃତ୍ତିକା ସଂରକ୍ଷଣ ବିଭାଗ କୌଣସି ସ୍ଥାନରେ କାର୍ଯ୍ୟ କରୁଛି ତାହା କେହି ଜାଣି ପାରୁନାହାନ୍ତି । ଏପରିକି ଉପସ୍ଥିତ ରହିଥିବା ଅଧିକାରୀଙ୍କ ତଥ୍ୟ ସମ୍ବଳିତ କୌଣସି ଉତ୍ତର ଦେଇ ପାରିନଥିଲେ । ଫଳରେ ସମସ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ । ପରବର୍ତ୍ତୀ ସମୟରେ ଠିକ୍ ଭାବେ ତଥ୍ୟ ପ୍ରଦାନ କରିବା ପାଇଁ କୁହାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ଡି. କାନକେୟା ରେଡ୍ଡୀ, ଧରଣୀ ସ୍ୱାଇଁ, ଜନାର୍ଦ୍ଦନ ଦୋରାଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ ।

## ତୁହାକୁ ତୁହା ବର୍ଷା; ଚାଷୀକୁଳ ଆଶ୍ୱସ୍ତ

ପାତ୍ରପୁରରେ ସର୍ବାଧିକ ୯୩ମିମି ବର୍ଷା

ବ୍ରହ୍ମପୁର,୧୮ ।୮ (ସମିସ): ଗଞ୍ଜାମ ଜିଲ୍ଲାରେ ଗତ ଦୁଇଦିନ ହେବ ତୁହାକୁ ତୁହା ବର୍ଷା ଜାରି ରହିଛି । ଅଧ ଘଣ୍ଟା ବ୍ୟବଧାନରେ ବର୍ଷା ହେଉଛି । ଶ୍ରାବଣ ମାସରେ ଏତେ ମାତ୍ରାରେ ବର୍ଷା ଦେଖାନଥିଲା । ପରବର୍ତ୍ତୀ ସମୟରେ ହୋଇଥିବା ବର୍ଷା ସମସ୍ତଙ୍କୁ ଆଶ୍ୱସ୍ତି ଦେଇଛି । ସେହିଭଳି ଜିଲ୍ଲାର ଚାଷୀକୁଳ ମଧ୍ୟ ବେଶ ଆଶ୍ୱସ୍ତ ହୋଇଛନ୍ତି । ଦୁଇଦିନରେ ହୋଇଥିବା ବର୍ଷାରେ ଆସନ୍ତା ଗଣେଶ ପୂଜା ସୁଦ୍ଧା ଚାଷ କାର୍ଯ୍ୟସମାପନ ହେବ ବୋଲି ଚାଷୀକୁଳ ଆଶା ରଖିଛନ୍ତି । ପୂର୍ବରୁ ତଳି ଅଞ୍ଚଳ ଓ ଜଳସେଚନ ଜମି ଗୁଡ଼ିକରେ ଧାନ ରୁଆ ହୋଇ ସାରିଥିବା ବେଳେ ଅନେକ ଢିପ ଜମି ବାଦ ପଡ଼ିଥିଲା । ରବି ଓ ସୋମବାର ହୋଇଥିବା ବର୍ଷାରେ ଏହି ଜମିଗୁଡ଼ିକରେ ମଧ୍ୟ ଚାଷ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଏହିକ୍ରମରେ ଗଞ୍ଜାମ ଜିଲ୍ଲାରେ ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଖରିଫ ଧାନଚାଷ ଭଲ ହେବ ବୋଲି ଚାଷୀ ଆଶା ବାନ୍ଧିଛନ୍ତି । ଅପରପକ୍ଷେ ସୋମବାର ପାତ୍ରପୁର ବ୍ଲକରେ ସର୍ବାଧିକ ୯୩.୪ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ସେହିଭଳି ଖଲ୍ଲିକୋଟ ବ୍ଲକ୍‌ରେ ୭୮ମିମି, କୋଦଳାରେ ୭୩.୨ମିମି ଓ ପୋଲସରାରେ ୬୮.୨ମିମି ବର୍ଷା ହୋଇଥିବା ଜଣାପଡ଼ିଛି । ସେହିଭଳି ଛତ୍ରପୁର ବ୍ଲକ୍‌ରେ ୪୨ମିମି, ଗଞ୍ଜାମ ବ୍ଲକ୍‌ରେ ୩୯ମିମି, ପୁରୁଷୋତ୍ତମପୁରରେ ୨୦ମିମି, କବିସୂର୍ଯ୍ୟନଗରରେ ୫୧.୫ମିମି, ହିଞ୍ଜିଳିରେ ୬୧ମିମି, ରଙ୍ଗେଇଲୁଣ୍ଡାରେ ୩୭ମିମି, କୁକୁଡ଼ାଖଣ୍ଡିରେ ୪୬ମିମି, ଚିକିଟିରେ ୧୮.୩ମିମି, ସାନଖେମୁଣ୍ଡିରେ ୨୦ମିମି, ଦିଗପହଣ୍ଡିରେ ୫୧.୫ମିମି, ଭଞ୍ଜନଗରରେ ୩୯ମିମି, ବେଲଗୁଣ୍ଠାରେ ୨୨.୨ମିମି, ଜଗନ୍ନାଥପ୍ରସାଦରେ ୪୮.୮ମିମି, ବୁଗୁଡ଼ାରେ ୮ମିମି, ଆସିକାରେ ୫୧ମିମି, ଧରାକୋଟରେ ୬୩ ମିମି, ଶେରଗଡ଼ରେ ୨୭ମିମି, ସୋରଡ଼ାରେ ୫୨ମିମ. ଗୋପାଳପୁର ଏନଏସିରେ ୩୬ମିମି ଓ ବ୍ରହ୍ମପୁର ଗାନ୍ଧୀନଗର ପଏଣ୍ଟରେ ୩୦ମ.୨ମିମି, ବ୍ରଜରାଜନଗରରେ ୩୧.୨ ମିମି ବର୍ଷା ହୋଇଥିବା ସୂଚନା ମିଳିଛି । ଚଳିତବର୍ଷରେ ସୋମବାର ସର୍ବାଧିକ ବର୍ଷା ହୋଇଥିବା କୁହାଯାଉଥିବା ବେଳେ ଅଗଷ୍ଟ ମାସରେ ଯଦି ପ୍ରବଳ ମାତ୍ରାରେ ବର୍ଷା ହୁଏ ତେବେ ଜିଲ୍ଲାର ସମସ୍ତ ଜଳଭଣ୍ଡାର ପରିପୂର୍ଣ୍ଣ ହେବା ଆଶା ସଂଚାରିଛି । ଅପରପକ୍ଷେ ବିଗତବର୍ଷ ଗୁଡ଼ିକ ଅପେକ୍ଷା ଗଞ୍ଜାମରେ ଚଳିତବର୍ଷ ଅଗଷ୍ଟ ମାସରେ ନିଅଣ୍ଟିଆ ବର୍ଷା ହୋଇଥିବା ପରଲକ୍ଷିତ ହୋଇଛି । ବିଗତ ବର୍ଷ ଗୁଡ଼ିକରେ ଅଗଷ୍ଟ ମଧ୍ୟାନ୍ତରରେ ଗଞ୍ଜାମରେ ୨୬୦.୫ମିଲିମିଟର ବର୍ଷା ହୋଇ ଥିବାବେଳେ ଏଯାବତ ୧୬୦.୪୧ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି । ଅନ୍ୟଥା ଏହି ଜିଲ୍ଲା ସ୍ୱାଭାବିକ ବର୍ଷା ଲାଗି ୬୧.୫୮ମିମି ଆବଶ୍ୟକତା କରୁଥିବା ଜଣାପଡ଼ିଛି । ସେହିଭଳି ଅଗଷ୍ଟ ମାସରେ ଜିଲ୍ଲାରେ ୧୪ଦିନ ଧରି ବର୍ଷା ହୋଇଛି । ଆଗାମୀ ଦିନରେ ମଧ୍ୟ ବର୍ଷାର ବିଶେଷ ସମ୍ଭାବନା ଥିବା ପୂର୍ବାନୁମାନ କରାଯାଉଛି । ମୋଟାମୋଟି ଭାବେ କହିବାକୁ ଗଲେ ରବିବାର ଓ ସୋମାବାର ହୋଇଥିବା ବର୍ଷା ସବୁବର୍ଗର ଲୋକଙ୍କୁ ଆଶ୍ୱସ୍ତି ଦେଇଛି । ବ୍ରହ୍ମପୁର ସହରରେ ରାସ୍ତାକଡ଼ ବ୍ୟବସାୟୀ କିଛି ମାତ୍ରାରେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଘଣ୍ଟାଏ ଛାଡ଼ି ପୁନଃ ବର୍ଷା ଛେଚୁଥିବାରୁ ଲୋକେ ଘରୁ ବାହାରିବାକୁ ପଛଘୁଞ୍ଚା ହେଉଥିବା ଲକ୍ଷ୍ୟ କରାଯାଇଛି ।



# ଲଗାଣ ବର୍ଷା: ଗଛ ପଡ଼ି ଭାଙ୍ଗିଲା ଘର, ଧସିଲା ପାହାଡ଼



## ସତର୍କ କରାଇଲା ପ୍ରଶାସନ

ମୋହନା,୧୮।୮ (ସମିସ)

ଲଘୁଚାପ ଜନିତ ବର୍ଷା ଲାଗି ରହିଥିବାବେଳେ ଗଜପତି ଜିଲ୍ଲା ମୋହନା ଏବଂ ଆର.ଉଦୟଗିରି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ଷା ଯୋଗୁଁ ବ୍ଲକ ଅଞ୍ଚଳର ବିଭିନ୍ନ ପାହାଡିଆ ଗ୍ରାମରେ ସ୍ଥାନେ ସ୍ଥାନେ ଭୂ ସ୍ଖଳନ ହୋଇ ଯାତାୟାତ ବନ୍ଦ ହୋଇଯାଇଛି। ଚନ୍ଦ୍ରଗିରି ଅରବିନ୍ଦ ନଗରରେ ଏକ ବିରାଟ ଆମ୍ବ ଗଛ ସୀମାଞ୍ଚଳ ମହାପାତ୍ର, ମନୋଜ ମହାପାତ୍ର ଏବଂ ରୁଦ୍ର ନାରାୟଣ ବେହେରାଙ୍କ ଘର ଉପରେ ପଡ଼ିଯାଇଥିଲା।



ଏଥିରେ ଉପରୋକ୍ତ ବ୍ୟକ୍ତିଙ୍କ ଘର ଭାଙ୍ଗିଯାଇଛି। ଖବର ପାଇ ମୋହନା ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଗଛ କାଟି ବାହାର କରିବା ସହ ସ୍ଥିତି ସ୍ୱାଭାବିକ କରିଛି। ଗଜପତି ଜିଲ୍ଲା ଏକ ଭୁସ୍ଖଳନ ସମ୍ଭାବ୍ୟ ଅଞ୍ଚଳ ହୋଇଥିବା ବେଳେ ଆହୁରି ଦୁଇ ଦିନ ବର୍ଷା ଥିବା ଯୋଗୁଁ ମୋହନା ବିଡିଓଙ୍କ ନିର୍ଦ୍ଦେଶରେ ଅଞ୍ଚଳର ବିଭିନ୍ନ ପାହାଡ଼ ତଳି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ମାଇକ ଯୋଗେ ସତର୍କ କରାଯିବା ସହ ସୁରକ୍ଷିତ ସ୍ଥାନକୁ ଆସି ଆଶ୍ରୟ ନେବା ପାଇଁ କୁହାଯାଇଛି।

## ଗଜପତିରେ ୩୫୦ ମିମି ବର୍ଷା ରେକର୍ଡ

ପାରଳାଖେମୁଣ୍ଡି,୧୮।୮ (ସମିସ): ଗଜପତି ଜିଲ୍ଲାରେ ୩୫୦ମିମି ବର୍ଷା ରେକର୍ଡ ହୋଇଛି। ଗତ ତିନି ଦିନ ହେଲା ପାରଳାଖେମୁଣ୍ଡି ସହର ସମେତ ସମସ୍ତ ୭ ବ୍ଲକରେ ଲଗାଣ ବର୍ଷା ଲାଗି ରହିଛି। ସୋମବାର ଅପରାହ୍ନରୁ ବର୍ଷା ଅତ୍ୟାଧିକ ହୋଇଛି। ସମଗ୍ର ଜିଲ୍ଲାରେ ରବିବାର ମଧ୍ୟରାତ୍ର ସୁଦ୍ଧା ମୋଟ ୩୫୦ ମିଲିମିଟର ବର୍ଷା ହୋଇଥିବା ବେଳେ ହାରାହାରି ୪୩.୭୫ ମିମି ବର୍ଷା ରେକର୍ଡ ହୋଇଛି। ଜିଲ୍ଲା ଜରୁରୀକାଳୀନ ବିଭାଗ ସୂଚନା ଅନୁସାରେ କାଶୀନଗର ବ୍ଲକରେ ୧୧.୮ ମିମି, ପାରଳାଖେମୁଣ୍ଡି ସହରରେ ୨୮ ମିମି, ଗୋଷାଣିରେ ୭୧ ମିମି, ରାୟଗଡରେ ୨୨.୪ମିମି, ଗୁମ୍ମାରେ ୩୪ ମିମି, ନୂଆଗଡରେ ୧୪.୨ ମିମି, ଆର୍.ଉଦୟଗିରିରେ ୪୫.୫ ମିମି ଏବଂ ଜିଲ୍ଲାରେ



ସର୍ବାଧିକ ମୋହନା ବ୍ଲକରେ ୧୨୩.୬ମିମି ବର୍ଷା ହୋଇଥିବାର ରେକର୍ଡ ହୋଇଛି। ଫଳରେ ଜିଲ୍ଲାର ପ୍ରମୁଖ ନଦୀ ସମେତ ସମସ୍ତ ଜଳାଶୟ ଓ ଛୋଟ ବଡ ନାଳ ଗୁଡିକରେ ଜଳସ୍ତର ବୃଦ୍ଧି ପାଇଛି । ଏହି ଲଗାଣ ବର୍ଷା ଯୋଗୁଁ ଜିଲ୍ଲାରେ ସାଧାରଣ ଜୀବନଯାତ୍ରା ଅସ୍ତବ୍ୟସ୍ତ ହୋଇପଡିଛି। ସେହିପରି ପାରଳାଖେମୁଣ୍ଡି ସହରାଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ବିଶେଷ କରି ତଳି ଅଞ୍ଚଳ ଗୁଡିକରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ହାଟପଦା ରୋଡ୍, ନଡିଆତୋଟା ସାହି, ରେଳଷ୍ଟେସନ୍ ରୋଡ୍ ପ୍ରଭୃତି ଅଞ୍ଚଳରେ ପାଣି ରାସ୍ତାରେ ଭାସୁଥିବା ଦେଖାଯାଇଛି। ବର୍ଷାଦିନ ପୂର୍ବରୁ ନାଳନର୍ଦ୍ଦମା ଗୁଡିକର ସଫେଇ ଓ ରକ୍ଷଣାବେକ୍ଷଣ କରାଯାଇ ନଥିବା ଯୋଗୁଁ ଏପରି କୃତ୍ରିମ ବନ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି।

## ସାପ କାମୁଡ଼ାରେ ବୃଦ୍ଧ ମୃତ

ଗୋଷାଣି,୧୮।୮ (ସମିସ): ଗଜପତି ଜିଲ୍ଲା ଗୁରାଣ୍ଡି ଥାନା ଅନ୍ତର୍ଗତ ମହାଦେବୀପୁର ଗ୍ରାମର ଜଣେ ଭାଗଚାଷୀ ଜମିକୁ ଯାଇଥିବା ବେଳେ ବିଷାକ୍ତ ସାପ କାମୁଡି ଦେବାରୁ ମୃତ୍ୟୁ ହୋଇଛି। ଗ୍ରାମର ପ୍ରଶାନ୍ତ ଧଳ (୬୧) ବର୍ଷା ପାଣି ଜମିରୁ ବାହାର କରିବା ପାଇଁ ରବିବାର ସନ୍ଧ୍ୟାରେ ଚାଷଜମିକୁ ଯାଇଥିଲେ। ସେଠାରେ କୌଣସି ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ଯନ୍ତ୍ରଣା ହେବାରୁ ସେ ନିଜ ଘରକୁ ଆସି ପରିବାର ଲୋକଙ୍କୁ କହିଥିଲେ। ସେତେବେଳେ ତାଙ୍କ ପାଟିରୁ ଫେଣ ବାହାରିବାରୁ ପରିବାର ଲୋକେ ତୁରନ୍ତ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସିତ ଅବସ୍ଥାରେ ରାତି ୧୨ଟା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଗୁରାଣ୍ଡି ଥାନାରେ ଅଭିଯୋଗ ହେବା ପରେ ପୁଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

## ବସ୍-ହାଇୱା ଧକ୍କା; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ଜି.ଉଦୟଗିରି,୧୮।୮ (ସମିସ): କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ନିକଟସ୍ଥ ଡ଼ିଏଭି ଏବଂ ରାଇପଦା ମଧ୍ୟରେ ଏକ ଯାତ୍ରୀବାହୀ ବସ୍ ସହିତ ଏକ ହାଇୱା ମୁହାଁମୁହିଁ ଧକ୍କା ହୋଇଥିବା ବେଳେ ବସର ଯାତ୍ରୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଯାତ୍ରୀବାହୀ ବସ୍ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ରାସ୍ତା ତଳକୁ ଖସାଇ ଦେବା ଫଳରେ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ମିଳିଥିବା ସୂଚନା ପ୍ରକାରେ କଟକରୁ ବାଲିଗୁଡା ଯାଉଥିବା ସରକାରୀ ବସ୍ ତାର ଗନ୍ତବ୍ୟ ପଥରେ ଯାଉଥିବା ବେଳେ ଜି.ଉଦୟଗିରିରୁ ଭଞ୍ଜନଗର ଯାଉଥିବା ହାଇୱା ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ହାଇୱା ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ବେଳେ ବସକୁ ଚାଳକ ରାସ୍ତା କଡ଼କୁ ଖସାଇ ଦେଇଥିବା ଯୋଗୁ ଯାତ୍ରୀ ରକ୍ଷା ପାଇଯାଇଥିଲେ। ଉଭୟ ଗାଡି କ୍ଷତିଗ୍ରସ୍ତ ହୋଇଛି। ପୁଲିସ ପହଞ୍ଚି ଅଧିକ ତଦନ୍ତ କରୁଛି।

## ଭାଉଜକୁ ଦୁଷ୍କର୍ମ ଅଭିଯୋଗରେ ଦିଅର ଗିରଫ

ମୋହନା,୧୮।୮ (ସମିସ): ଗଜପତି ଜିଲ୍ଲା ଚନ୍ଦ୍ରଗିରି ଅଞ୍ଚଳରେ ଭାଉଜକୁ ଦୁଷ୍କର୍ମ ଅଭିଯୋଗରେ ଦିଅରକୁ ଗିରଫ କରିଛି ମୋହନା ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ ଚନ୍ଦ୍ରଗିରିର ଅଜୟ ଶୋଭାସୁନ୍ଦର। ପୁଲିସର ସୂଚନା ପ୍ରକାରେ ଅଜୟର ବଡ଼ ଭାଇ ସନ୍ତୋଷ ଶୋଭାସୁନ୍ଦରଙ୍କ ଗତ ୨୦୨୨ ମସିହାରେ କୌଣସି କାରଣରୁ ମୃତ୍ୟୁ ହୋଇଥିଲା। ଅଜୟ ଭାଇଙ୍କ ତିନି ଝିଅଙ୍କୁ ଦେଖାରଖା କରିବା ସହ ଭାଉଜଙ୍କ ସମସ୍ତ ଦାୟିତ୍ୱ ନେଇଥିଲେ। ପରବର୍ତ୍ତୀ ସମୟରେ ଉଭୟ ଭାଉଜ ଏବଂ ଦିଅର ମନ୍ଦିରରେ ବିବାହ ମଧ୍ୟ କରିଥିଲେ। ତିନି ବର୍ଷ ମଧ୍ୟରେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ମଧ୍ୟ ଗଢ଼ିଉଠିଥିଲା। ବର୍ତ୍ତମାନ ଅଜୟଙ୍କ ବିବାହ ନିମନ୍ତେ ଝିଅ ଦେଖା ସରିବା ପରେ ଏହି ଘଟଣାକୁ ସହ୍ୟ କରିପାରି ନ ଥିଲେ ଭାଉଜ ଏବଂ ଏନେଇ ଥାନାରେ ତାଙ୍କୁ ଅଜୟ ଦୁଷ୍କର୍ମ କରିଥିବା ସହ ସେ ଗର୍ଭବତୀ ଥିବା ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ଦିଅରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ସୌମ୍ୟ ରଞ୍ଜନ ବରାଳ ସୂଚନା ଦେଇଛନ୍ତି।

## ବିଷାକ୍ତ ଛତୁ ଖାଇ ୮ ଅସୁସ୍ଥ





ମୋହନା,୧୮।୮ (ସମିସ): ବିଷାକ୍ତ ଛତୁ ଖାଇ ଦୁଇ ପରିବାରର ଆଠ ଜଣ ଗୁରୁତର ଅସୁସ୍ଥ ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ରାମଗିରି ଥାନା ଦେଉରୀସାହି ଗ୍ରାମରେ। ସମସ୍ତ ଅସୁସ୍ଥଙ୍କୁ ପ୍ରଥମେ ରାମଗିରି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଚନ୍ଦ୍ରଗିରି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ପ୍ରକାରେ ରାମଗିରି ଥାନା ଦେଉରିସାହି ଗ୍ରାମର ସୋମନାଥ ବେହେରା ନାମକ ଜଣେ ବ୍ୟକ୍ତି ରବିବାର ଗାଈ ଚରାଇବାକୁ ଯାଇ ଜଙ୍ଗଲରୁ କିଛି ଛତୁ ଆଣିଥିଲେ। ସନ୍ଧ୍ୟାରେ ପରିବାର ଲୋକେ ତାକୁ ରୋଷେଇ କରି ଖାଇ ନିଜ ବଡ଼ଭାଇଙ୍କ ପରିବାରକୁ ମଧ୍ୟ ଖାଇବା ଲାଗି ଦେଇଥିଲେ। ସମସ୍ତେ ଖାଇ ସାରିବା ପରେ ଉଭୟ ପରିବାରର ସମସ୍ତଙ୍କ ଗଳାରେ କୁଣ୍ଡାଇ ହେବାସହ ଦେହରୁ ଅତ୍ୟଧିକ ଝାଳ ବାହାରି ପ୍ରବଳ ବାନ୍ତି ହୋଇଥିଲା। ସମସ୍ତେ ପ୍ରଥମେ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ପରେ ସେଠାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଚନ୍ଦ୍ରଗିରି ଯାଇ ଚିକିତ୍ସିତ ହେଉଛନ୍ତି । ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି। ଅସୁସ୍ଥମାନେ ହେଲେ କବିତା ବେହେରା, ରୀତା ବେହେରା, ସାବିତ୍ରୀ ବେହେରା, ପାର୍ବତୀ ବେହେରା, ସୋମନାଥ ବେହେରା, ଶତପଥୀ ବେହେରା, ମଞ୍ଜୁରୀ ବେହେରା ଓ ଅଜିତ ବେହେରା।

## ବନ୍ଧକ ଘରକୁ ସିଲ୍ କଲା ଅର୍ବାନ ବ୍ୟାଙ୍କ

ପାରଳାଖେମୁଣ୍ଡି,୧୮।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ୧ ନମ୍ବର ୱାର୍ଡରେ ଥିବା ପୋଲାକି ଡିଲେଶ୍ୱର ରାଓ ପାରଳାଖେମୁଣ୍ଡି ଅର୍ବାନ ବ୍ୟାଙ୍କରେ ନିଜ ଘରକୁ ବନ୍ଧକ ରଖି ୩ ଲକ୍ଷ ଟଙ୍କା ଋଣ ନେଇଥିଲେ। ନିର୍ଦ୍ଧାରିତ ସମୟରେ ଋଣ ପରିଶୋଧ ନକରିବାରୁ ସୁଧ ଓ ମୂଳ ବାବଦକୁ ୭ ଲକ୍ଷ ଟଙ୍କା ବକେୟା ରହିଥିଲା। ବ୍ୟାଙ୍କ ପକ୍ଷରୁ ବାରମ୍ବାର ନୋଟିସ କରାଯାଇଥିଲେ ମଧ୍ୟ ସେ ଏହାକୁ ଗୁରୁତ୍ୱ ଦେଉ ନଥିଲେ। ଶେଷରେ ବ୍ୟାଙ୍କ କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ବନ୍ଧକ ଘରକୁ ନିଜ ଅଧୀନକୁ ନେବାକୁ ଚିଠି କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗତ ୧୫ ତାରିଖ ଦିନ ଘର ଖାଲି କରିବାକୁ ଚିଠି ମାଧ୍ୟମରେ ଡିଲେଶ୍ୱରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସେ ନିର୍ଦ୍ଦେଶକୁ ମାନିନଥିଲେ। ପୂର୍ବରୁ ସୂଚନା ମୁତାବକ ବ୍ୟାଙ୍କ କର୍ତ୍ତୃପକ୍ଷ ଆଜି ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ଆଲେୟା ରେଡିଙ୍କ ଉପସ୍ଥିତିରେ ପାରଳାଖେମୁଣ୍ଡି ଆଦର୍ଶଥାନା ପୁଲିସ ପହଞ୍ଚି ଘରର ସମସ୍ତ ଆସବାବପତ୍ର ବାହାର କରିବା ସହ ଘରକୁ ସିଲ କରିଛି।

## ପରିବେଶ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ

ରାଇକିଆ,୧୮।୮ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ପାଷ୍ଟର ଆସୋସିଏସନ ଟ୍ରଷ୍ଟ ତରଫରୁ ପରିବେଶ ସୁରକ୍ଷା ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର କୋର କମିଟି, କାର୍ଯ୍ୟ ନିର୍ବାହୀ କମିଟି ଏବଂ ସମସ୍ତ ସକ୍ରିୟ ସଦସ୍ୟ ଯୋଗଦେଇ ରାଇକିଆ ଆଦର୍ଶ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଅତି ଆବଶ୍ୟକ ତଥା ଔଷଧିୟ ବୃକ୍ଷର ଚାରାରୋପଣ କରିଥିଲେ। ପ୍ରିନ୍ସିପାଲ ଅମୀୟ କୁମାର ପାତ୍ର ଏବଂ ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଔଷଧୀୟ ବୃକ୍ଷ ସମ୍ପର୍କରେ ସଚେତନତା କରାଯିବା ସହ ପରିବେଶ ସୁରକ୍ଷା ଏବଂ ଏହାର ଆବଶ୍ୟକତାକୁ ନେଇ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ କମିଟି ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଅୟୋଜନ କରାଯାଇଥିଲା। ଟ୍ରଷ୍ଟର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ଜିତେନ୍ କୁମାର ନାୟକ ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ ଦିନରେ ମଧ୍ୟ ଏହିପରି ସଚେତନତା କାର୍ଯ୍ୟକ୍ରମ ଅୟୋଜନ ନେଇ ସହଯୋଗ କାମନା କରିଥିଲେ।

## ବିବାହିତ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ କଲେ ପରିବାର ଲୋକେ

ପାରଳାଖେମୁଣ୍ଡି,୧୮।୮ (ସମିସ): ଗଜପତି ଜିଲ୍ଲା ଆର୍.ଉଦୟଗିରି ବ୍ଲକ ରାମଗିରିରେ ଜଣେ ମହିଳାଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଛି। ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସୂଚନା ପ୍ରକାରେ ରାମଗିରି ଗ୍ରାମର ଗୋଟାସାହିର ଅର୍ଜୁନ ମଣ୍ଡଳଙ୍କଙ୍କ ପତ୍ନୀ ସୁଲାମି ଶବର ରବିବାର ସନ୍ଧ୍ୟାରେ ତାଙ୍କ ନିଜ ବାସଭବନରେ ଘରେ କେହି ନଥିବା ବେଳେ ବେକରେ ଲୁଗା ଲଗାଇ ଝୁଲିପଡିଥିଲେ। ଏନେଇ ରାମଗିରି ଥାନାରେ ଅଭିଯୋଗ ହେବା ପରେ ଥାନା ଅଧିକାରୀ ଏସ୍.ଗଜପତି ଦୋରାଙ୍କ ନେତୃତ୍ୱରେ ପୁଲିସ ଦଳ ପହଞ୍ଚି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ଜବତ କରିଥିଲେ। ଏହା ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାସ୍ଥଳରେ ଯାଞ୍ଚ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ଆଜି ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ରାମଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ମୃତକ ସୁଲାମିଙ୍କ ଭାଇ ରଞ୍ଜା ଶବର ରାମଗିରି ଥାନାରେ ତାଙ୍କ ଭଉଣୀଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ ରାମଗିରିର ଅର୍ଜୁନ ମଣ୍ଡଳ ଓ ସୁଲାମି ଶବରଙ୍କ ପାଞ୍ଚ ବର୍ଷ ପୂର୍ବେ ବିବାହ ହୋଇଥିଲା । ସୁଲାମି ଶବରଙ୍କ ବାପା ମାଙ୍କ ଘର ରାୟଗଡ ଥାନା ଅନ୍ତର୍ଗତ ରଞ୍ଜାସାହି ବୋଲି ଜଣାପଡିଛି । ଏନେଇ ତଦନ୍ତ ଜାରୀ ରହିଛି ଏବଂ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ଦୋରା ସୂଚନା ପ୍ରଦାନ କରିଛନ୍ତି।

## ସିୟୁଟିଏମ୍‌ରେ ଜାତୀୟସ୍ତରୀୟ ଅଧ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି,୧୮।୮ (ସମିସ): ଗଜପତି ଜିଲ୍ଲା ଆର୍.ସୀତାପୁର ନିକଟସ୍ଥ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଓ ପାଟନା ସ୍ଥିତ ଜାତୀୟ ପ୍ରଯୁକ୍ତି ମହାବିଦ୍ୟାଳୟ ମିଳିତ ଆନୁକୁଲ୍ୟରେ "ପରବର୍ତ୍ତୀ ପିଢ଼ିର ତାରବିହୀନ ଯୋଗାଯୋଗ ଏବଂ ଶକ୍ତି ଅମଳ ପ୍ରଯୁକ୍ତିବିଦ୍ୟା' ବିଷୟରେ ଜାତୀୟସ୍ତରୀୟ ଅଧ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମ ଦୁଇ ସପ୍ତାହ ଧରି ହେବ ନେଇ ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଉଦଘାଟନ ଉତ୍ସବରେ ପାଟନା ସ୍ଥିତ ଜାତୀୟ ପ୍ରଯୁକ୍ତି ମହାବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପି.କେ. ଜେନ୍, ସିୟୁଟିଏମ୍‌ର ଉପକୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟ ଓ ଶିଳ୍ପଜଗତର ବିଶେଷଜ୍ଞ ୫ଜି/୬ଜି ପ୍ରଣାଳୀ, ଆଇଓଟି, ଆର୍.ଏଫ୍. ଏନର୍ଜି ହାର୍ଭେଷ୍ଟିଂ ଏବଂ ସ୍ମାର୍ଟ୍ ଯୋଗାଯୋଗ ପ୍ରଣାଳୀ ସମ୍ପର୍କିତ ବିଷୟରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଜାତୀୟ ଓ ରାଜ୍ୟସ୍ତରରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଗବେଷକ ଅଂଶଗ୍ରହଣ କରିଥିଲେ ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି



ଜି.ଉଦୟଗିରି,୧୮।୮ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଜିଲ୍ଲାପାଳ ଅନୁପସ୍ଥିତ ଥିବାବେଳେ ଏଡିଏମ କିଶୋର ଚନ୍ଦ୍ର ନାୟକ, ବାଲିଗୁଡ଼ା ଉପଜିଲ୍ଲାପାଳ ବାଲିଗୁଡ଼ା, ଏସଡିପିଓ ବିଜୟ କୁମାର ବିଶି, ସିଡିଓ ତଥା ଇଓ ଜିଲ୍ଲା ପରିଷଦ ଶମ୍ଭୁନାଥ ନନ୍ଦୀ, ପିଏ.ଆଇଟିଡିଏ କୃପାସିନ୍ଧୁ ବେହେରା, ତହସିଲଦାର ତଥା ଇଓ ଏନଏସି ରଞ୍ଜନ କୁମାର ସାହୁ, ବିଡିଓ ଶରତ ଚନ୍ଦ୍ର ମଲ୍ଲିକ, ଅଧ୍ୟକ୍ଷା ସୁଷମା ପ୍ରଧାନଙ୍କ ସମେତ ପଞ୍ଚାୟତ ଜନପ୍ରତିନିଧି ଉପସ୍ଥିତ ଥିଲେ। ସ୍ଥାନୀୟ ବ୍ଲକ ଏବଂ ଏନଏସି ବାସିନ୍ଦାଙ୍କ ଅଭିଯୋଗ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ୮ ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ସମୁଦାୟ ୬୫ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଥିଲେ ଲୋକେ। ୮ ପଞ୍ଚାୟତର ୪୦ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ଥିବା ବେଳେ ମାତ୍ର ୬୫ ଅଭିଯୋଗ ଆଗତ ହୋଇଛି। ଅଭିଯୋଗ ଶୁଣାଣି ସମ୍ପର୍କରେ ଗ୍ରାମୀଣ ସ୍ତରରେ ଜନସାଧାରଣଙ୍କୁ ଅବଗତ କରାଯାଇନଥିବା ଯୋଗୁଁ ଅଧିକ ଅଭିଯୋଗ ହୋଇପାରି ନଥିବା କୁହାଯାଉଛି।

## ମଙ୍ଗରାଜପୁରରେ ଜନ ଅଭିଯୋଗ ଶୁଣାଣି




ପାରଳାଖେମଣ୍ଡି,୧୮।୮ (ସମିସ): ଗଜପତି ଜିଲ୍ଲା ଆର.ଉଦୟଗିରି ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ମଧୁମିତା ଯୋଗ ଦେଇ ମଙ୍ଗରାଜପୁର ସମେତ ସୁବଲଡା, ରାମଗିରି ଓ ପରିସଲ ପଞ୍ଚାୟତର ସମୁଦାୟ ୮୪ଅଭିଯୋଗର ଶୁଣାଣି କରିଥିଲେ। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୨୫ ଓ ଗ୍ରାମ ଭିତ୍ତିକ ସମସ୍ୟା ୫୯ ରହିଥିଲା। ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣିରେ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ.ନାଗାରାଜୁ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା ଓ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଆର.ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ଆର୍.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ୍ ଖର୍ସେଲ, ଆର୍. ଉଦୟଗିରି ତହସିଲଦାର ଜ୍ୟୋତିର୍ମୟ ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହମ୍ମଦ ମୁବାରକ ଅଲ୍ଲୀ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ୧୦ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧିଙ୍କ ସମେତ ସମସ୍ତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଜାର୍ଗିଭଟା-ସଲାଗୁଡ଼ା ରାସ୍ତା ମରଣଯନ୍ତା

ବାଲିଗୁଡା,୧୮।୮ (ସମିସ): ମରଣଯନ୍ତା ପାଲଟିଛି ଜାର୍ଗିଭଟା-ସଲାଗୁଡ଼ା ରାସ୍ତା। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ସଲାଗୁଡ଼ା ପଞ୍ଚାୟତ ରାସ୍ତା ଅବସ୍ଥା ନକହିଲେ ଭଲ। ଜାର୍ଗିଭଟାରେ ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ପୁଣି ସେହି ରାସ୍ତା ଦେଇ ଅନେକ ଗାଁକୁ ଲୋକେ ଯିବା ଆସିବା କରିଥାଆନ୍ତି। ହେଲେ ସେହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। କେବଳ ପାଦରେ ଚାଲିଯିବା କିମ୍ବା ବାଇକ୍ ହିଁ ସେହି ରାସ୍ତା ଦେଇ ଯିବା ଆସିବା ସମ୍ଭବ ହୋଇପାରୁଛି। କୌଣସି ଚାରି ଚକିଆ ଯାନ ଚଳାଚଳ କରିବା ସମ୍ଭବ ହେଉନାହିଁ। ଆମ୍ବୁଲାନ୍ସ, ଟ୍ରାକ୍ଟର ଭଳି ଆବଶ୍ୟକୀୟ ଯାନ ଯାଇପାରୁନି। କିଛି ଦିନର ଲଘୁଚାପ ଜନିତ ଲଗାଣ ବର୍ଷାରେ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହା ଏକ ମାତ୍ର ରାସ୍ତା ଯାହା ଜାର୍ଗିଭଟା ସ୍କୁଲ, ମେଲ୍ଲିକିଆ, ପରି ଅନେକ ଗ୍ରାମକୁ ସଂଯୋଗ କରୁଛି। ଅସରାଏ ବର୍ଷାରେ କାଦୁଅରେ ନାହିଁ ନ ଥିବା ଅସୁବିଧା ହେଉଥିବା ବେଳେ ପୁଣି ରାସ୍ତାରେ ବଡ ବଡ ଗାତ ସୃଷ୍ଟି ହୋଇଛି। ଏଥିଯୋଗୁଁ ଗ୍ରାମବାସୀ ଓ ଛାତ୍ର ଛାତ୍ରୀ ବିପଦସଂକୁଳ ଅବସ୍ଥାରେ ଉକ୍ତ ରାସ୍ତା ଦେଇ ବିଦ୍ୟାଳୟକୁ ଯିବାଆସିବା କରୁଛନ୍ତି। ବାଲିଗୁଡା ବ୍ଲକରେ ଗ୍ରାମବାସୀ ଓ ସରପଞ୍ଚ ବ୍ଲକ ପ୍ରଶାସନଙ୍କୁ ନିବେଦନ କରୁଥିଲେ ମଧ୍ୟ ଫଳ ଶୂନ ରହିଛି। କାହିଁକି ପ୍ରତି ବର୍ଷ ମାଟି ପକାଇ ଦେଇ ପ୍ରଶାସନ ନିରବ ହୋଇଯାଉଛି ସେଥିନେଇ



ମନରେଗାରେ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସଲାଗୁଡା ଠାରୁ ଜାର୍ଗିଭଟାକୁ ଭଲ ରାସ୍ତା ନିର୍ମାଣ କରାନଯିବା ପଞ୍ଚାୟତ ଓ ବ୍ଲକ ପ୍ରଶାସନର ଅପାରଗତାକୁ ସୂଚାଉଥିବା ଅଭିଯୋଗ ହେଉଛି। ପ୍ରତି ବର୍ଷ ସାଧାରଣରେ ପ୍ରଶ୍ନ ହେଉଛି। ବାଲିଗୁଡ଼ା ଉପଜିଲ୍ଲାପାଳ, ଏଥିରେ ହସ୍ତକ୍ଷେପ କରି ରାସ୍ତାର ପୁନଃନିର୍ମାଣ କରିବାକୁ ଗ୍ରାମବାସୀ ଓ ସ୍ଥାନୀୟ ସଲାଗୁଡା ସରପଞ୍ଚ ସରିତା ମଲ୍ଲିକ ଅନୁରୋଧ କରିଛନ୍ତି।

## ପୁଣି ୨ ଗାଈକୁ ଆକ୍ରମଣ କଲା ଦନ୍ତା

## ହାତୀ ଉପଦ୍ରବର ସ୍ଥାୟୀ ସମାଧାନ ଦାବିରେ ଆଜି ବନ୍ଦ ପାଳନ

ଜି.ଉଦୟଗିରି,୧୮।୮ (ସମିସ)





ପୁଣି ଥରେ ରୁଦାଙ୍ଗିଆ ଏବଂ ଦିବାଗୁଡାରେ ହାତୀ ଉପଦ୍ରବ ଅସହ୍ୟ ହୋଇଛି। ଦୁଇ ଗାଈକୁ ଆକ୍ରମଣ କରିଛି ଦନ୍ତା। ଘର ଭାଙ୍ଗିବା ସହିତ ବ୍ୟାପକ ଫସଲ ନଷ୍ଟ କରିଛି। ଏହି ଆକ୍ରମଣ ନିୟମିତ ଭାବରେ ଚାଲିଥିବା ବେଳେ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅନେକ ଧନ ଜୀବନ ନଷ୍ଟ ହେବା ପରେ ମଧ୍ୟ ପ୍ରଶାସନ ନିରବ ରହିଥିବା ଅଭିଯୋଗ ହୋଇଛି। ଏନେଇ ଦିନ କୁ ଦିନ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ହାତୀକୁ ସ୍ଥାନାନ୍ତର ସହ ଅଞ୍ଚଳବାସୀଙ୍କ ସୁରକ୍ଷା ନିମନ୍ତେ ଅଗଷ୍ଟ ୧୬ ଜି.ଉଦୟଗିରି ୧୨ଘଣ୍ଟିଆ ବନ୍ଦ କରିବାକୁ ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଜନ୍ମାଷ୍ଟମୀକୁ ଦୃଷ୍ଟିରେ ରଖି ଏହାକୁ ସ୍ଥଗିତ ରଖାଯାଇଥିଲା। ଏବେ ମଧ୍ୟ ଉପଦ୍ରବ ଜାରି ରହିଥିବା ବେଳେ ମଙ୍ଗଳବାର ବାର ଘଣ୍ଟିଆ ଜି.ଉଦୟଗିରି-କଳିଙ୍ଗା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି ଅଞ୍ଚଳବାସୀ। ଚାରି ଦଫା ଦାବି ନେଇ ଏହି ବନ୍ଦ ଡାକରା ଦିଆଯାଇଥିବା ବେଳେ ପ୍ରମୁଖ ଦାବି ମଧ୍ୟରେ ଧନ ଜୀବନ ନଷ୍ଟ କରୁଥିବା ହିଂସ୍ର ଦନ୍ତା ହାତୀକୁ ତୁରନ୍ତ ସ୍ଥାନାନ୍ତର, ହାତୀ ଉପଦ୍ରବ ସମସ୍ତ ଗ୍ରାମରେ ସୋଲାର ଲାଇଟ ବ୍ୟବସ୍ଥା, ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତି ପୂରଣ ପ୍ରଦାନ ଆଦି ରହିଛି। କନ୍ଧମାଳ ଜିଲ୍ଲାରେ ତୁରନ୍ତ ସ୍ଥାୟୀ "ରକ୍ଷକ ଦଳ' ନିୟୋଜିତ କରିବାକୁ ମଧ୍ୟ ଦାବି କରାଯାଇଛି।

# ଏମ୍‌କେସିଜି ମେଡିକାଲ ଅଧକ୍ଷଙ୍କ ଆଦେଶ ହାଇକୋର୍ଟରେ ରଦ୍ଦ

କଟକ, ୧୮ ।୮ (ସମିସ): ସହକାରୀ ପ୍ରାଧ୍ୟାପକଙ୍କୁ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଚାକିରିରୁ ବହିଷ୍କାର କରିବା କ୍ଷମତା ମେଡିକାଲ କଲେଜ ଓ ହସପିଟାଲ ଡିନ୍ ତଥା ଅଧକ୍ଷଙ୍କ କ୍ଷମତା ପରିସରଭୁକ୍ତ ନୁହେଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଥିସହ ଆବେଦନକାରୀ ଜଣେ ସହକାରୀ ପ୍ରଫେସରଙ୍କୁ ଚାକିରିରୁ ବହିଷ୍କାର ପାଇଁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ହସପିଟାଲର ଡିନ୍ ଓ ଅଧକ୍ଷଙ୍କ ପକ୍ଷରୁ ଜାରି ଗତ ୨୦୨୪ ଡିସେମ୍ବର ୨୯ର ଆଦେଶକୁ

> "ସହକାରୀ ପ୍ରାଧ୍ୟାପକଙ୍କୁ ଚାକିରିରୁ ବରଖାସ୍ତ କ୍ଷମତା ଡିନ୍ ଓ ଅଧକ୍ଷଙ୍କ କ୍ଷମତା ପରିସରଭୁକ୍ତ ନୁହେଁ"

ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଡା. ପୁରୁଷୋତ୍ତମ ସ୍ୱାଇଁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କୁ ଚାକିରିରୁ ବରଖାସ୍ତ କରିବାର କ୍ଷମତା ରାଜ୍ୟ ସରକାରଙ୍କ ଦ୍ୱାରା ଡିନ୍ ଏବଂ ଅଧକ୍ଷଙ୍କୁ ସ୍ପଷ୍ଟ ଭାବରେ ନ୍ୟସ୍ତ କରାଯାଇଛି ବୋଲି ମଧ ରେକର୍ଡରେ କିଛି ନାହିଁ।

ଆବେଦନକାରୀ ଦର୍ଶାଇଥିଲେ ଯେ ସେ ସ୍ୱାସ୍ଥ୍ୟବିଭାଗ ନିୟନ୍ତ୍ରଣରେ ଚୁକ୍ତିଭିତ୍ତିକ ଭାବେ କାର୍ଯ୍ୟ କରୁଥିବା ବେଳେ ସରକାର ଏକ ମାସ ପୂର୍ବରୁ ନୋଟିସ୍ ଦେଇ କୌଣସି କାରଣ ନଦର୍ଶାଇ ତାଙ୍କୁ ଚାକିରିରୁ ବହିଷ୍କାର କରିବାର କ୍ଷମତା ରଖିଛନ୍ତି। ହେଲେ ବିନା କାରଣଦର୍ଶାଅ ନୋଟିସ୍‌ରେ ଚାକିରିରୁ ବହିଷ୍କାର ପାଇଁ ଡିନ୍ ଆଦେଶ ଜାରି କରିବା ବେଆଇନ ବୋଲି ଆବେଦନକାରୀ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ, ଯିଏ କି ଓଏମଏଚଏସ କ୍ୟାଡରର ଜଣେ ମେଡିକାଲ୍ ଅଫିସର, ତାଙ୍କୁ ୨୨.୦୭.୨୦୨୪ ତାରିଖରେ ଅଫିସ୍ ଆଦେଶ ଅନୁଯାୟୀ ଡେପୁଟେସନ୍/ଚୁକ୍ତିଭିତ୍ତିକ ଆଧାରରେ ଅର୍ଥୋପେଡିକ୍ ସହକାରୀ ପ୍ରଫେସର୍ ଭାବରେ ନିଯୁକ୍ତି ଦିଆଯାଇଥିଲା। ଗତ ୨୦.୧୨.୨୦୨୪ ମଧ୍ୟରାତ୍ରିରେ ପିଜି କ୍ୟାମ୍ପସ୍‌ରେ ଥିବା ହଷ୍ଟେଲର କ୍ୟାଣ୍ଟିନ ଗଣ୍ଡଗୋଳରେ ଆବେଦନକାରୀଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ହୋଇଥିଲା। ଫଳସ୍ୱରୂପ, ଏହି ଅଭିଯୋଗ ଉପରେ ଆଧାର କରି ମେଡିକାଲ କଲେଜ କମିଟି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଧାରରେ ତାଙ୍କୁ ବରଖାସ୍ତ ଆଦେଶ ଜାରି ହୋଇଥିଲା। ହେଲେ ପରେ ତାଙ୍କୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଅଧୀନ ମୂଳ ପଦକୁ ଫେରାଇ ନିଆଯାଇଥିଲା।

## ମୋରମ ଚୋରା ଚାଲାଣ, ୫ ହାଇୱା ଜବତ

ରଙ୍ଗେଇଲୁଣ୍ଡା,୧୮ ।୮ (ସମିସ): ଗୋଳନ୍ଥରା ଥାନା ଅଧିନସ୍ଥ ପାଲୁର ହିଲ ନିକଟରୁ ଗତ କିଛି ମାସ ହେଲା ବେଧଡକ୍ ମୋରମ ଚୋରା ଚାଲାଣ ଚାଲିଥିବା ବେଳେ ପୁଲିସ ଚଢ଼ଉ କରି ପାଞ୍ଚଟି ହାଇୱା ଓ ଗୋଟିଏ ଚେଇଁନ ହିଟାଚି ଜବତ କରିଥିବା ନେଇ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି। ପାଲୁର ହିଲ ନିକଟରୁ ଗତ କିଛି ମାସ ହେଲା ଦିନ ରାତି ୫୦ରୁ ଶହେ ହାଇୱାରେ ମୋରମ ଚୋରା ଚାଲାଣ ହୋଉଥିବା ନେଇ ସ୍ଥାନୀୟ ପ୍ରଶାସନ ଓ ଖଣି ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉନଥିଲା। ତେବେ ରବିବାର ଭୋର ସମୟରେ ପାଲୁର ହିଲରୁ ମୋରମ ଚୋରା ଚାଲାଣ ହୋଉଥିବା ଖବର ପାଇ ଗୋଳନ୍ଥରା ଥାନା ପୁଲିସ ଚଢ଼ଉ କରିଥିଲା। ପୁଲିସ କାଗଜ ପତ୍ର ମାଗିଲା ସମୟ ଗାଡି ଚାଳକ ମାନେ ଦେଖାଇ ପାରିନଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ପୁଲିସ। ସେହିପରି ୬ ଜଣ ଗାଡି ଚାଳକଙ୍କୁ ନୋଟିସ ଦେଇ ଛାଡି ଥିବା ବେଳେ ଗାଡି ମାଲିକ ନାଁରେ ମଧ୍ୟ ମାମଲା ରୁଜୁ ହୋଇଛି।

## ରାଗିଂ ସଚେତନତା ସପ୍ତାହ ଉଦ୍‌ଯାପିତ

ବ୍ରହ୍ମପୁର,୧୮ ।୮ (ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଚାଲିଥିବା ରାଗିଂ ସଚେତନତା ସପ୍ତାହ ଉଦ୍‌ଯାପିତ ହୋଇଛି। ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ 'ପ୍ରେମ୍' ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଡ. ଜାକୋବ ଥଣ୍ଡିଆଲ ଏବଂ ସମ୍ମାନିତ ଅତିଥି ଭାବେ 'ପ୍ରେମ'ର ଲୋକ ସମ୍ପର୍କ ଅଧିକାରୀ ରତନ କୁମାର ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ରାଗିଂ ସମ୍ପର୍କିତ ବିଭିନ୍ନ ନିୟମାବଳୀ ନେଇ ଆଲୋଚନା କରିଥିଲେ। ଡ. ମନୋରଞ୍ଜନ ବିଷୋୟୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଡ. ଗୌତମ ସାବତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।



### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

# ବର୍ଷାରେ ଭିଜି ଶିବିରକୁ ଆସିଲେ ଲୋକେ



ସାନଖେମୁଣ୍ଡି



ଛତ୍ରପୁର

ସାନଖେମୁଣ୍ଡି,୧୮ ।୮ (ସମିସ)

ସାନଖେମୁଣ୍ଡି ବ୍ଲକ ପଦ୍ମପୁର ପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ତେବେ ପଦ୍ମପୁର ଅଞ୍ଚଳରେ ତୁହାକୁ ତୁହା ବର୍ଷା ହେଉଥିବାବେଳେ ବର୍ଷାରେ ଭିଜି ଲୋକେ ଅଭିଯୋଗ କରିଥିବା ଦେଖିବାକୁ ମିଳିଥିଲା। ଲୋକଙ୍କ ପାଇଁ ବର୍ଷାରେ ନ ଭିଜିବା ପାଇଁ କୌଣସି ପ୍ରକାର ବ୍ୟବସ୍ଥା ନଥିବା ହେତୁ ଆସିଥିବା ଲୋକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ପଦ୍ମପୁର ପଞ୍ଚାୟତରେ ବିଦ୍ୟୁତ୍ ନଥିବା ହେତୁ କିଛି ଲୋକ ନିଜର ପରିଚୟପତ୍ର ଏବଂ କାଗଜପତ୍ର ଜେରକ୍ସ କରି ନ ପାରିବାରୁ ଅଭିଯୋଗରୁ ବଞ୍ଚିତ ଥିଲେ। ୯୯ ଟି ଅଭିଯୋଗର ଶୁଣାଣି ହୋଇଥିଲା। କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ପାଟପୁର ଥାନା ଏସ ଆଇ ସୁଲେମାନ ଭୂୟାଁ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ.ବାହନ ଦାସ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଭବାନୀ ବେହେରା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମୋଲାଲିସା କିସ୍କୋ, ଗୋଷ୍ଠୀ କୃଷି ଅଧିକାରୀ ଜୟ ପ୍ରଭା ଆଚାର୍ଯ୍ୟ, ଆକାଉଟେଣ୍ଟ ସଂଜିତ ସୁମନଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

**ଆସିକା:** ଆସିକା ବ୍ଲକ ବରଗାଁ ପଞ୍ଚାୟତରେ ଜନ ଶୁଣାଣି ଅନୁଷ୍ଠିତ ହୋଇ ଯାଇଛ। ବ୍ରହ୍ମପୁର ଡେବଲମେଣ୍ଟ ଅର୍ଥରିଟ ରମେଶ ଚନ୍ଦ୍ର ହାନ୍ସଦା



ଆସ୍କା

ଉପସ୍ଥିତ ରହି ହିତାଧିକାରୀ ମାନଙ୍କ ଅଭିଯୋଗ ପତ୍ର ଯାଞ୍ଚ କରିବା ସହ ଅଭିଯୋଗକୁ ତ୍ୱରାନିତ କରିଥିଲେ। ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ବେହେରା, ଅତିରିକ୍ତ ବିଡ଼ିଓ, କୋଟିନଡା ଥାନା ଅଧିକାରୀ, ପଞ୍ଚାୟତ ଡେବଲମେଣ୍ଟ ଅଫିସର ରାଜ ସାହୁ, ପଞ୍ଚାୟତ ଅଫିସର ସୁଶାନ୍ତ ଭୁଆଁଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ଉପସ୍ଥିତ ଥିଲେ। ଏଥିରେ ୬୦ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିଲା।

**ଛତ୍ରପୁର:** ଛତ୍ରପୁର ପଞ୍ଚାୟତସମିତି ପକ୍ଷରୁ ଅଗସ୍ତିନୂଆଗାଁରେ ଗ୍ରାମ ପଞ୍ଚାୟତସ୍ତରୀୟ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦୬ଟି ଅଭିଯୋଗର ଶୁଣାଣୀ ହୋଇଥିବା ବେଳେ ସେଥିରୁ ୩୦୩ଟି ବ୍ୟକ୍ତଗତ ଏବଂ ୩ଟି ସାମୂହିକ ରହିଥିଲ। ପ୍ରାୟ ରାସନକାର୍ଡ, ପ୍ରଧାନମନ୍ତ୍ରୀ ଯୋଜନାରେ ଗୃହ, ଭତ୍ତା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଅଭିଯୋଗ ଗୁଡିକ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଅତିରିକ୍ତ ଉପଜିଲ୍ଲାପାଳ ରୀନା ନାୟକ ନୋଡାଲ ଅଫିସର ଭାବେ ଯୋଗଦେଇଥିବାବେଳେ ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ଏବିଡିଓ ଜୟଶ୍ରୀ ନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

**କୁକୁଡ଼ାଖଣ୍ଡି:** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ କଙ୍କିଆ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ହୋଇଯାଇଛି। ଏଥିରେ ବ୍ରହ୍ମପୁର ମହାନଗରର କମିସନର ପ୍ରଥମେଶ ଅରବିନ୍ଦ ରାଜସିକେ, ବିଡ଼ିଓ ପଲ୍ଲବି ସ୍ୱାଇଁ, ତହସିଲଦାର ରାଜକିଶୋର ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଅନୁରାଗ ରଥ, ଜିପିଓ ସୁପ୍ରଭା ସାହୁ, ବନ ବିଭାଗ ଅଧିକାରୀ, ମେଡିକାଲ କର୍ତ୍ତୃପକ୍ଷ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣିରେ ପ୍ରାୟ ୪୪ଟି ଅଭିଯୋଗ ହୋଇଥିଲା। ସେଥି ମଧ୍ୟରୁ ମୁଖ୍ୟତଃ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଗରିବ ଶ୍ରେଣୀର ହିତାଧିକାରୀ ମାନଙ୍କୁ ଆବାସ ଯୋଜନା ନ ମିଳିବା, ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ତୃତୀୟ କିସ୍ତିର ସୁଭଦ୍ରା ଟଙ୍କା ନ ମିଳିବା ତା ସହ ସ୍ଥାପିତ ହୋଇଥିବା ବିଏସ୍ଏନ୍ଏଲ ଟାୱାର ସଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ଶେଖର ନାୟକ ସମେତ ପଞ୍ଚାୟତର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ଶେରଗଡ଼:** ଶେରଗଡ଼ ବ୍ଲକ୍ ଡାକରଡା ପଞ୍ଚାୟତରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଡିଓ ତୃପ୍ତିମୟୀ ଜେନା, ତହସିଲଦାର ତ୍ରିଦେବ ରଥ, ଶେରଗଡ ଥାନାଧିକାରୀ ବରେନ୍ଦ୍ର ସିଅଳ, ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ସିଡିପିଓ ମମତାଞ୍ଜଳି ପଣ୍ଡାଙ୍କ ସହିତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣି ବେଳେ ପଞ୍ଚାୟତରୁ ମୋଟ ୧୨୫ ଟି



ଶେରଗଡ଼

ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ଆବାସ ଲାଗି ୪୬, ସାମାଜିକ ସୁରକ୍ଷା ଭତ୍ତା ୩୪, ରାସନକାର୍ଡ ସମ୍ବନ୍ଧୀୟ ୨୨, ପାନୀୟ ଜଳ ୦୭, ଗୋଷ୍ଠୀ ଗଣ କାର୍ଯ୍ୟ ୧୪, ସମବାୟ ବ୍ୟାଙ୍କ ୦୧, ମହିଳା ଓ ଶିଶୁ ସୁରକ୍ଷା ୦୧, ନିର୍ମାଣ ଶ୍ରମିକ ଲାଗି ୦୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବିଡ଼ିଓ ଅନାମିକା ପାଣ୍ଡେଙ୍କ ଅଧକ୍ଷତାରେ ଆୟୋଜିତ ଶୁଣାଣିରେ ବ୍ରହ୍ମପୁର ମହାନଗର ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ତହସିଲଦାର ସନ୍ତୋଷ କୁମାର ସାହୁ, ଥାନା ଅଧିକାରୀ ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର, ଅତିରିକ୍ତ ବିଡିଓ ଉମେଶ କୁମାର ସେଠୀ, ପଞ୍ଚାୟତ ଅଧିକାରୀ ରୋଜାଲିନ୍ ଦଳାଇ, ସ୍ଥାନୀୟ ସରପଞ୍ଚ ବିଜୟ କୁମାର ପ୍ରଧାନଙ୍କ ସମେତ ବହୁ ସଂଖ୍ୟକ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ପଞ୍ଚାୟତ ଅଧିନସ୍ଥ ବିଭିନ୍ନ ଗ୍ରାମରୁ ୧୧୩ ଜଣ ହିତାଧିକାରୀ ନୂତନ ରାସନ୍ କାର୍ଡ, ଭତ୍ତା, ଆବାସିକ ଯୋଜନା ସମ୍ବନ୍ଧୀୟ ସମସ୍ୟାକୁ ନେଇ ଅଭିଯୋଗ କରିଥିଲେ। ସେହିପରି ପଞ୍ଚାୟତର ବନମାଳୀ ନଗର ବାସିନ୍ଦା ବ୍ଲକ ପ୍ରଶାସନ ନିକଟରେ ସେମାନଙ୍କ ପାନୀୟ ଜଳ ସମସ୍ୟାର ସମାଧାନ ନିମନ୍ତେ ପ୍ରଶାସନ ନିକଟରେ ଦାବି କରିଥିଲେ।

**ଖଲ୍ଲିକୋଟ:** ଖଲ୍ଲିକୋଟ ବ୍ଲକ ବଧିନୂଆଁପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୮୯ଟି ଅଭିଯୋଗ ଶୁଣିଛନ୍ତି ବିଡିଓ, ତହସିଲଦାର। ବିଶେଷ କରି ଲୋକମାନେ ନୁଆଁ ରାସନ କାର୍ଡ ପାଇବାରେ ସମସ୍ୟା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଏବଂ ଆବାସ ଯୋଜନାରେ ଘର ପାଇବା ସମସ୍ୟା ସମ୍ପର୍କ ରେ ସର୍ବାଧିକ ଅଭିଯୋଗ ଆସିଥିଲା। ଶିବିରରେ ବିଡ଼ିଓ ଦେବାଶିଷ ସାମଲଙ୍କ ସହିତ ତହସିଲଦାର ଡି. ମାଲେଶ୍ୱର ପାତ୍ର, ଖଲ୍ଲିକୋଟ ଥାନାର ଅତିରିକ୍ତ ଆଇଆଇସି ପୂର୍ଣ୍ଣଚନ୍ଦ୍ର କିଶାନ, ଏବିଇଓ ସୁଷମା ଶବର, ବଧିନୂଆଁପଲ୍ଲୀ ସରପଞ୍ଚ ପୁଷ୍ପାଞ୍ଜଳି ଚହଟରାୟ, ସମିତି ସଭ୍ୟ ପ୍ରମିଳା ଭୂୟାଁ ପ୍ରମୁଖଙ୍କ ସହିତ ଅନ୍ୟାନ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ସଞ୍ଜୟ କୁମାର ଜେନା ଓ ଜଗନ୍ନାଥ ଭୂୟାଁ ସହଯୋଗ କରିଥିଲେ।

**ପୋଲସରା:** ପୋଲସରା ବ୍ଲକ ବର୍ତ୍ତିନି ପଞ୍ଚାୟତରେ ଜନଶୁଣାଣି ଶିବିର ପୋଲସରା ବିଡିଓ ଶଶିଭୂଷଣ ମହାପାତ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଉପଜିଲ୍ଲାପାଳ ଶିବାଶିଷ ବରାଳ ଯୋଗ ଦେଇ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ଶୁଣାଣୀରେ ପଞ୍ଚାୟତର ମୁଖ୍ୟତଃ ରାସନକାଡର୍, ବାର୍ଦ୍ଧକ୍ୟ ଭତ୍ତା ବିଧବା ଭତ୍ତା, ଜମିବାଡ଼ି ସଂପର୍କିତ ବହୁ ସମସ୍ୟାକୁ ନେଇ ଲୋକ ଆସିଥିଲେ। ଏହି ଜନଶୁଣାଣୀ ବେଳେ ଚାଷୀଙ୍କ ପାଇଁ ନିର୍ଦ୍ଧାରିତ ସମୟରେ ପିଡ଼ିଆ ଯୋଗାଣ ଓ ଏହାର ଧାର୍ଯ୍ୟ ମୂଲ୍ୟ ମୁଖ୍ୟ ପ୍ରସଙ୍ଗ ଥିଲା। ଯାହା ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ୨୬୮ ଟଙ୍କା ହୋଇଥିଲା ବେଳେ ସ୍ଥାନୀୟ ଅଞ୍ଚଳରେ କିଛି କଳାବଜାରୀ ମାନେ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଠାରୁ ୪୫୦ ରୁ ୫୨୦ ଟଙ୍କାରେ ବିକ୍ରୀ କରୁଥିବା ଅଭିଯୋଗ ହୋଇଛି। ସେହିପରି ସାରର ଅଭାବ ଓ ଅନିୟମିତତାକୁ ନେଇ ବ୍ଲକ କୃଷି ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇନଥିବା କଥା ଚାଷୀ ତଥା ବିଜେପି ନେତା ଦାମଦୋର ସ୍ୱାଇଁ, ରୋହିତ ପ୍ରଧାନ ସମେତ ଋଷିକୂଲ୍ୟା ରୟତ ମହାସଭାର ସଦସ୍ୟ ମାନେ ଅଭିଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ତହସିଲଦାର ଦିପ୍ତିମୟୀ ପାତ୍ର, ଥାନାଧିକାରୀ କୌଶିକ ମାଝୀ, ବନାଞ୍ଚଳ ଅଧିକାରୀ ଅନିଲ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ, ସିଡିପିଓ ତିଳୋତ୍ତମା ରାଉତ, ବିଭିଓ ଡ଼ଃ ସୁବାସ ଜେନା, କୃଷି ଅଧିକାରୀ ଗଣେଶ୍ୱର ସାହୁ, ଜଳ ସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବି. ସାନୁଜ କୁମାର, ଯନ୍ତ୍ରୀ ଶକ୍ତିକାନ୍ତ ଜେନା, ସଂପୃକ୍ତ ଗ୍ରାମ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ଶ୍ରଦ୍ଧାନ୍ତ କୁମାର ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଣୟ କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ ବ୍ଲକ୍ କର୍ମଚାରୀ ଉପସ୍ଥିତ ଥିଲେ।

**ବୁଗୁଡ଼ା:** ବୁଗୁଡ଼ା ବ୍ଲକର କରସିଙ୍ଗି ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସ୍ତରୀୟ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଡିଏମ୍ ସୁନିଲ୍ କେରେକେଟା, ବିଡିଓ ଦୁତିକୃଷ୍ଣ ପାତ୍ର, ତହସିଲଦାର ତାପସ ରାଉତ, ଏବିଡିଓ ଧର୍ମରାଜ ପରିଡା, ସିଡିପିଓ ବବିତା କୁମାରୀ ପଣ୍ଡା, ପୁଲିସ ଏସ୍ଆଇ ଅଜିତ କୁମାର ପରିଡା, ଏପିଓ ମୁଜିବର ରହମାନ୍ ମଲ୍ଲିକ, ସରପଞ୍ଚ ଜ୍ୟୋସ୍ନାରାଣୀ ବିଶ୍ୱାଳ ଓ ସମିତି ସଭ୍ୟ ଚିକୁ ବାରିକ ପ୍ରମୁଖ ଯୋଗ ଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏ ଅବସରରେ ୧୩୨ ଅଭିଯୋଗ ଶୁଣାଯାଇଥିବା ବେଳେ ସେଥି ମଧ୍ୟରୁ ୧୨୮ଟି ବ୍ୟକ୍ତିଗତ ଏବଂ ୪ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା।



ବୁଗୁଡ଼ା



ଖଲ୍ଲିକୋଟ



ଦିଗପହଣ୍ଡି

### ବର୍ଷା ବିପ୍ଳାତ

# ଘର ଭାଙ୍ଗିଲା, ୧୦ ପରିବାର ଜଳବନ୍ଦୀ





ଖଲ୍ଲିକୋଟ,୧୮ ।୮ (ସମିସ): ଖଲ୍ଲିକୋଟ ଅଞ୍ଚଳରେ ଗତ ଦୁଇ ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ଫଳରେ କେଉଁଠି ଘର ଭାଙ୍ଗିଛି ତ କେଉଁଠି ପାଣି ପଶିଛି ତ ଆଉ କେଉଁଠି ରାସ୍ତାରେ ଗଛ ପଡ଼ି ଯାତାୟତ ବାଧାପ୍ରାପ୍ତ ହୋଇଛି। ବ୍ଲକ୍ ମାଣିକପୁର ଗାଁରେ କାମ୍ପ ଜେନା ଓ ସୁରେଶ ମଲ୍ଲିକଙ୍କ କାନ୍ଥ ପଡ଼ି ଘର ଭାଙ୍ଗିଯାଇଛି। ଦୁଇଟି ଘରେ ୬ ଜଣ ରହିଥିଲେ ମଧ କାହାର କିଛି କ୍ଷତି ହୋଇ ନାହିଁ। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧକାରୀ ପହଞ୍ଚି ନଥିବା ବେଳେ ମାଣିକପୁର ସରପଞ୍ଚ ଉଦୟ ନାଥ ବାରିକ ତଦାରଖ କରିଛନ୍ତି। ତେବେ ବର୍ତ୍ତମାନ ମଧ ବର୍ଷା ଲାଗି ରହିଥିବା ବେଳେ ଦୁଇଟି ଘରର ପରିବାର ଏବେ କେମିତି ରହିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି। ଦୁଇଟି ଘରକୁ ଯଥାଶୀଘ୍ର ପକ୍କା ଘର ସହ ସରକାରୀ ସହାୟତା ଯୋଗାଇବା ପାଇଁ ଦାବି ହୋଇଛି। ଲଙ୍ଗଳେଶ୍ୱର ଶିଶୁ ମନ୍ଦିର ସାହିରେ କଳାଝର ନଦୀ ପାଣି ପଶି ୧୦ଟି ପରିବାର ଜଳବନ୍ଦୀ ହୋଇଛନ୍ତି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ କଳାଝର ନଦୀର ପାଣି ଫୁଲି ଶିଶୁ ମନ୍ଦିର ସାହିରେ ପଶିଛି। ବର୍ଷା ପାଣିରେ ବିଭିନ୍ନ ସରୀସୃପ ପ୍ରାଣୀ ଭାସି ଆସି ଘର ଭିତରେ ପଶୁଛନ୍ତି। ତେଣୁ ପିଲା ଛୁଆ ଧରି ବର୍ଷା ପାଣି ଘେରରେ ସାହି ବାସିନ୍ଦା ରହିଛନ୍ତି। ପ୍ରତିବର୍ଷ ବର୍ଷା ଦିନରେ ଏହିଭଳି ସମସ୍ୟା ଉପୁଜୁଥିବାରୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ସାହି ବାସିନ୍ଦା ଦାବି କରିଛନ୍ତି। ସେହିପରି ସୋମବାର ଅପରାହ୍ନରେ ନୂଆଫାସୁଲା ନିକଟରେ ଏକ ବିଶାଳ ଗଛ ଉପୁଡି ରାସ୍ତା ଉପରେ ପଡିବାରୁ ଖଲ୍ଲିକୋଟ -ମାନାପଲ୍ଲୀ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଛି।

# ଚାଷୀମୂଲିଆ ସଂଘର ଜିଲ୍ଲାସ୍ତରୀୟ ସମ୍ମିଳନୀ

ଭଞ୍ଜନଗର,୧୮ ।୮ (ସମିସ): ଅଲ ଇଣ୍ଡିଆ କ୍ଷେତ ମଜଦୁର କିଷାନ ସଭା ସହ ଅନୁବନ୍ଧିତ ଓଡ଼ିଶା ଚାଷୀ ମୂଲିଆ ସଂଘ ଗଞ୍ଜାମ ଜିଲ୍ଲା ଶାଖା ସମ୍ମିଳନୀ ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ଆବାହକ ନିରାକାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହେଇଯାଇଛି। ଭୂ ସଂସ୍କାର ଆଇନ କାର୍ଯ୍ୟରେ ଲାଗୁନି, ଭାଗଚାଷୀ ତାର ଉଚିତ ଦର ପାଉନାହିଁ, ମଣ୍ଡିରେ ପଞ୍ଜୀକରଣ କରି ଧାନ ବିକ୍ରି କରି ପାରୁନି, ଆମର ପ୍ରାକୃତିକ ସମ୍ପତି ଜଳ, ଜମି ଜଙ୍ଗଲ ଓ ଖଣି ପାଣିକୁ କର୍ପୋରେଟ କମ୍ପାନୀ ହାତରେ ଟେକି ଦିଆଯାଉଛି, ଆଦିବାସୀ ଓ ଅନ୍ୟନ୍ୟ ମୂଳବାସୀଙ୍କୁ ଜଙ୍ଗଲରୁ ବିତାଡିତ କରାଯାଉଛି,




ଗ୍ରାମ ସଭାକୁ ସଂକୁଚିତ କରାଯାଇ ଜଙ୍ଗଲ ଲୁଟିବା ପାଇଁ କମ୍ପାନୀ ହାତରେ ଛାଡି ଦିଆଯାଉଛି। ସେହିପରି ଜଗନ୍ନାଥପ୍ରସାଦ କୁଡୁତାଇ ଠାରେ ବିଷାକ୍ତ ଗୋଳା ବାରୁଦ କାରଖାନା ବନ୍ଦ କରିବା, ପ୍ରସ୍ତାବିତ ପିପଲ ଡ୍ୟାମ ନିର୍ମାଣ କରି ଟାଟା ଓ ଅନ୍ୟାନ କମ୍ପାନୀକୁ ଋଷିକୂଲ୍ୟା ନଦୀର ପାଣିକୁ ଦେବା ବନ୍ଦ କରିବା ପାଇଁ ଏହି ସମ୍ମିଳନୀ ରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ମହାନ୍ତି, ଅଲ ଇଣ୍ଡିଆ ଫେଡେରେଶନ ଅଫ ଟ୍ରେଡ଼ ୟୁନିୟନସ (ନିୟୁ) ନେତା ମୋହନ ନାୟୁଡୁ ଯୋଗଦେଇ ଥିବା ବେଳେ ନୂତନ ଭାବେ ଗଞ୍ଜାମ ଜିଲ୍ଲା କମିଟି ଗଠନ ହେଇଚି। ସଭାପତି ଭାବେ ଅବନୀ ଗୟା ମନୋନୀତ ହୋଇଥିବା ବେଳେ ସମ୍ପାଦକ ରଞ୍ଜନ ଶବର ମନୋନୀତ ହେଇଛନ୍ତି, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ଶବର, ଉପଦେଷ୍ଟା ନିରାକାର ନାୟକ, ଯୁଗ୍ମ ସମ୍ପାଦକ ସଞ୍ଜୟ ନାୟକ, ଉପ ସଭାପତି ନମଶିବା ନାୟକ, କୋଷାଦକ୍ଷ କୈଳାସ ମଲିକ ମନୋନୀତ ହୋଇଛନ୍ତି, ନିରଞ୍ଜନ ପ୍ରଧାନ, ପବନା ଶବର, ଲଡୁ ଶବର, ଖୋର୍ଦ୍ଧା ଜିଲ୍ଲା ଆଞ୍ଚଳିକ କମିଟି ପାଇଁ ସୁରେନ୍ଦ୍ର ଶବର, ପଞ୍ଚୁ ଶବର କମିଟି ଭାବେ ମନୋନୀତ ହେଇଛନ୍ତି ସମ୍ମିଳନୀରେ ଗଞ୍ଜାମ ଜିଲ୍ଲାର ପୋଲସରା, ବୁଗୁଡ଼ା, ଧାରାକୋଟ, ସୋରଡ଼ା, ଭଞ୍ଜନଗର, ଜଗନ୍ନାଥ ପ୍ରସାଦ ଆଦି ବ୍ଲକର ସହ ଶହ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗଦେଇଥିଲେ।

